ବର୍ଷ-୨୫, ସଂଖ୍ୟା-୧୦୫
ଭୁବନେଶ୍ୱର
୧୭, ଏପ୍ରିଲ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 105
Bhubaneswar
17, April, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଜାହ୍ନବୀଙ୍କୁ ୪ କୋଟି ମୂଲ୍ୟର କାର ଉପହାର



# ୱାକଫ୍ ବିଲ୍ ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୧୬।୪(ମହାଭାରତ):** ସୁପ୍ରିମକୋର୍ଟ ଆଜି ବିବାଦୀୟ ୱାକଫ ସଂଶୋଧନ ଆଇନ, ୨୦୨୫ ଉପରେ ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। କୋର୍ଟ ଏହି ଆଇନକୁ ଚ୍ୟାଲେଞ୍ଜ କରି ୭୩ଟି ଆବେଦନର ଶୁଣାଣି କରୁଥିଲା, ଯାହା ଅନେକ ରାଜ୍ୟରେ ବିରୋଧ ସୃଷ୍ଟି କରିଛି।

ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନାଙ୍କ ନେତୃତ୍ୱରେ ଏବଂ ବିଚାରପତି ସଞ୍ଜୟ କୁମାର ଏବଂ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଉପଭୋକ୍ତା ଦ୍ୱାରା ୱାକଫ ଏବଂ କେନ୍ଦ୍ରୀୟ ୱାକଫ ପରିଷଦରେ ଅଣ-ମୁସଲମାନମାନଙ୍କୁ ଅନ୍ତର୍ଭୁକ୍ତ କରିବା ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ କଠୋର ପ୍ରଶ୍ନ ଉଠାଇଥିଲେ, ଆଇନର କିଛି ଅଂଶକୁ ଆଇନଗତ ଏବଂ ସାମ୍ପ୍ରଦାୟିକ ଭାବରେ ପରିପୂର୍ଣ୍ଣ ବୋଲି କହିଥିଲେ।

ଜଣେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରୁଥିବା ବରିଷ୍ଠ ଓକିଲ କପିଲ ସିବଲ କହିଛନ୍ତି ଯେ ସଂଶୋଧିତ ଆଇନ ସମ୍ବିଧାନର ଧାରା ୨୬ ର ଉଲ୍ଲଙ୍ଘନ କରେ, ଯାହା ଧାର୍ମିକ ବ୍ୟାପାର ପରିଚାଳନା କରିବାର ଅଧିକାରକୁ ସୁରକ୍ଷା ଦିଏ। ସେ ବିଶେଷ ଭାବରେ ଜିଲାପାଳଙ୍କ ପାଖରେ ଥିବା କ୍ଷମତାକୁ ସମାଲୋଚନା କରି କହିଛନ୍ତି ଯେ ଯଦି ଅଧିକାରୀଙ୍କୁ ବିଚାରପତି ଏବଂ କାର୍ଯ୍ୟନିର୍ବାହୀ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଏ ତେବେ ଏହାକୁ ଅସାମ୍ବିଧାନିକ ବୋଲି କହିଛନ୍ତି।ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି ସିବଲଙ୍କ ଯୁକ୍ତିକୁ ସମର୍ଥନ କରି ପ୍ରକାଶ କରିଛନ୍ତି ଯେ ଭାରତର ୮ ଲକ୍ଷ ୱାକଫ ସମ୍ପତ୍ତି ମଧ୍ୟରୁ ୪ ଲକ୍ଷ ବ୍ୟବହାରକାରୀଙ୍କ ଦ୍ୱାରା ବର୍ଗରେ ପଡ଼ୁଛି। ଏହି




ସମୟରେ ମୁଖ୍ୟ ବିଚାରପତି ଏକ ଆଶ୍ଚର୍ଯ୍ୟଜନକ ପର୍ଯ୍ୟବେକ୍ଷଣ କରିଥିଲେ: ଆମକୁ କୁହାଯାଇଛି ଯେ ଦିଲ୍ଲୀ ହାଇକୋର୍ଟ ୱାକଫ ଜମିରେ ନିର୍ମିତ। ଆମେ କହୁନାହୁଁ ଯେ ସମସ୍ତ ୱାକଫ ବ୍ୟବହାରକାରୀଙ୍କ ଦ୍ୱାରା ଭୁଲ, କିନ୍ତୁ ଏକ ପ୍ରକୃତ ଚିନ୍ତାଜନକ ଅଛି।

କୋର୍ଟ ଚେତାବନୀ ଦେଇଥିଲେ ଯେ କୋର୍ଟ ଦ୍ୱାରା ଘୋଷିତ ୱାକଫ ସମ୍ପତ୍ତିକୁ ଉଚ୍ଛେଦ କରିବା ନ୍ୟାୟିକ ସ୍ୱାଧୀନତା ଏବଂ ଐତିହାସିକ ପୂର୍ବ ନଜିରକୁ ଉଲ୍ଲଂଘନ କରିପାରେ। ବିଧାନସଭା କୋର୍ଟର ରାୟକୁ ବାଧ୍ୟତାମୂଳକ ହେବ ନାହିଁ ବୋଲି ଘୋଷଣା କରିପାରିବ ନାହିଁ, ମୁଖ୍ୟ ବିଚାରପତି ଖାନ୍ନା କହିଛନ୍ତି ହଁ, କିଛି ଅପବ୍ୟବହାର ହେଉଛି। କିନ୍ତୁ ପ୍ରକୃତ ୱାକଫ ମଧ୍ୟ ଅଛି।

କୋର୍ଟ ତାପରେ ନୂତନ ଆଇନରେ ଅଣ-ମୁସଲିମମାନଙ୍କୁ କେନ୍ଦ୍ରୀୟ ୱାକଫ ପରିଷଦର ଅଂଶ ହେବାକୁ ଅନୁମତି ଦେବାର ଏକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଶୁଣାଣିର ସବୁଠାରୁ ଉତ୍ତେଜକ ମୁହୂର୍ତ୍ତ ମଧ୍ୟରୁ ଗୋଟିଏ ଥିଲ। ମୁଖ୍ୟ ବିଚାରପତି ଖାନ୍ନା ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ସ୍ପଷ୍ଟ ଭାବରେ ପଚାରିଥିଲେ। ଆପଣ କଣ ହିନ୍ଦୁ ବୋର୍ଡରେ ମୁସଲମାନମାନଙ୍କୁ ଅନୁମତି ଦେବେ ?ଏହି ଚ୍ୟାଲେଞ୍ଜ କୋର୍ଟକୁ ଧାର୍ମିକ ଟ୍ରଷ୍ଟଗୁଡ଼ିକୁ ସରକାର କିପରି ଆଭିମୁଖ୍ୟ ଦେଖାଉଛନ୍ତି। ସେଥିରେ ଏକ ସମ୍ଭାବ୍ୟ ଦ୍ୱୈତ ମାନଦଣ୍ଡ ଭାବରେ କଣ ଦେଖାଯାଉଛି ତାହା ଉପରେ ଗୁରୁତ୍ୱାରୋପ କରିଥିଲା।

ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ରହି ମେହଟା ଆଇନକୁ ରକ୍ଷା କରି କହିଛନ୍ତି ଯେ, ଏହା ଏକ ମିଳିତ ସଂସଦୀୟ କମିଟି ଦ୍ୱାରା ବିସ୍ତୃତ ସଂସଦୀୟ ବିତର୍କ ଏବଂ ଯାଞ୍ଚ ପରେ ଗୃହୀତ ହୋଇଛି ସାର୍ବଜନୀନ ଅଶାନ୍ତିର ରିପୋର୍ଟର ଜବାବରେ ମେହଟା କହିଛନ୍ତି, ସେମାନେ ଭାବନ୍ତି ଯେ ସେମାନେ ବ୍ୟବସ୍ଥା ଉପରେ ଚାପ ପକାଇ ପାରିବେ। ଏହାର ଉତ୍ତରରେ, ସିବଲ କହିଛନ୍ତି: କିଏ ଚାପ ପକାଉଛି ତାହା ଜଣାନାହିଁ। ମୁଖ୍ୟ ବିଚାରପତି ଚାଲିଥିବା ହିଂସା ଏବଂ ପ୍ରତିବାଦକୁ ଅତ୍ୟନ୍ତ ବିଚଳିତକାରୀ ବୋଲି କହିଛନ୍ତି, ଏବଂ ଆଇନର ସକାରାତ୍ମକ ଉପାଦାନଗୁଡ଼ିକୁ ଯଥାସମ୍ଭବ ସ୍ୱୀକାର କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି।

ତେବେ ଏହି ମାମଲା ସ୍ଥଗିତ ରଖାଯାଇଛି ଏବଂ ଆସନ୍ତାକାଲି ପୁଣି ଶୁଣାଣି ଆରମ୍ଭ ହେବ। କିନ୍ତୁ ଏହା ସ୍ପଷ୍ଟ ଯେ ମାମଲା ଧର୍ମନିରପେକ୍ଷତା, ସଂଖ୍ୟାଲଘୁ ଅଧିକାର ଏବଂ ବିଧାନସଭା କ୍ଷମତାର ସାମ୍ବିଧାନିକ ସୀମା ଉପରେ ଏକ ପରିଭାଷିତ ଆଇନଗତ ଲଢ଼େଇ ହେବାକୁ ଯାଉଛି।ସୁପ୍ରିମକୋର୍ଟ ଇତିହାସ, ଆଇନ ଏବଂ ବିଶ୍ୱାସକୁ ସନ୍ତୁଳିତ କରୁଥିବାରୁ, ଏହାର ରାୟ ଆଗାମୀ ଦଶନ୍ଧି ଧରି ମୁସଲିମ ଧାର୍ମିକ ସମ୍ପତ୍ତିଗୁଡ଼ିକୁ କିପରି ପରିଚାଳିତ କରାଯାଏ ତାହା ପୁନଃଆକୃତି ଦେଇପାରେ।

# ଜଷ୍ଟିସ ଗଭାଇ ସୁପ୍ରିମକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି

**ନୂଆଦିଲ୍ଲୀ,୧୬।୪(ମହାଭାରତ):** ଭାରତର ଆଗାମୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଭୂଷଣ ଆର ଗଭାଇଙ୍କ ନାମକୁ ପ୍ରସ୍ତାବ ଦିଆଯାଇଛି। ଗଭାଇଙ୍କ ନାମକୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଆଇନ ମନ୍ତ୍ରଣାଳୟକୁ ସୁପାରିସ ପଠାଯାଇଛି । ବର୍ତ୍ତମାନ ଭାରତର ପ୍ରଧାନ ବିଚାରପତି ଥିବା ସଞ୍ଜୀବ ଖାନ୍ନା ଆଗାମୀ ମେ ୧୩ ତାରିଖରେ ଅବସର ନେବାକୁ ଯାଉଛନ୍ତି । ପରମ୍ପରା ଅନୁଯାୟୀ, ବର୍ତ୍ତମାନର ମୁଖ୍ୟ ବିଚାରପତି ତାଙ୍କ ଉତ୍ତରାଧିକାରୀ ଭାବରେ ଜଣେ ଯୋଗ୍ୟ ବିଚାରପତିଙ୍କ ନାମକୁ ସୁପାରିସ କରିଥାନ୍ତି। ପୂର୍ବରୁ, ଆଇନ ମନ୍ତ୍ରଣାଳୟ ଜଷ୍ଟିସ୍ ଖାନ୍ନାଙ୍କୁ ତାଙ୍କ ଉତ୍ତରାଧିକାରୀଙ୍କ ନାମ ଦେବାକୁ ଆନୁଷ୍ଠାନିକ ଭାବରେ ଅନୁରୋଧ କରିଥିଲା । ଯାହା ପରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତେବେ ଯଦି ଜଷ୍ଟିସ୍ ଗଭାଇଙ୍କୁ ନିଯୁକ୍ତ କରାଯାଏ, ତେବେ ସେ ଭାରତର ୫୧ତମ ମୁଖ୍ୟ ବିଚାରପତି ହେବେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ ଗଭାଇଙ୍କୁ ଶପଥ ପାଠ କରାଇବେ। ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼ ୬୫ ବର୍ଷ ବୟସରେ ଅବସର ନେବା ପରେ ଜଷ୍ଟିସ ଖାନ୍ନା ନଭେମ୍ବର ୨୦୨୪ରେ ସିଜେଆଇ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ ଜଷ୍ଟିସ ଖାନ୍ନା ଅବସର ନେଉଛନ୍ତି। ଜଷ୍ଟିସ ଗଭାଇ ୨୪ ନଭେମ୍ବର ୧୯୬୦ରେ ମହାରାଷ୍ଟ୍ରର ଅମରାବତୀରେ ଜନ୍ମଗ୍ରହଣ କରିଥିଲେ। ସେ ନଭେମ୍ବର ୧୨, ୨୦୦୫ରେ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ ସେବେଠାରୁ ସେ ସୁପ୍ରିମକୋର୍ଟର ଅନେକ ସାମ୍ବିଧାନିକ ଖଣ୍ଡପୀଠର ଅଂଶ ଅଟନ୍ତି, ଯେଉଁମାନେ ଅନେକ ଐତିହାସିକ ରାୟ ଦେଇଛନ୍ତି।

# ଯନ୍ତ୍ରୀଙ୍କ ୨୧ ପ୍ଲଟ୍

ଭୁବନେଶ୍ୱର,୧୬।୪(ମହାଭାରତ): ଆଠମଲ୍ଲିକ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ରେଡ୍ କରିଛି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକର ଏଇଇ ରାମଚନ୍ଦ୍ର ଶତପଥୀଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି । ଘର ତଲାସୀ ସମୟରେ ୨୧ ଟି ମୂଲ୍ୟବାନ ପ୍ଲଟ୍, ୩୨୬ ଗ୍ରାମ ଓଜନର ସୁନା ଅଳଙ୍କାର, ୧.୦୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା ଏବଂ ତାଙ୍କ ଆୟ ତୁଳନାରୁ ଅଧିକ ସମ୍ପତ୍ତି ଠାବ କରାଯାଇଛି।



ଏହି ଚଢାଉରେ ୭ଜଣ ଡିଏସପି, ୧୫ଜଣ ଇନସପେକ୍ଟର ଓ ଅନ୍ୟ ଷ୍ଟାଫ୍ ମାନେ ସାମିଲ ହୋଇଛନ୍ତି । ଅନୁଗୁଳ, ଢେଙ୍କାନାଳ, କଟକ ଓ କଳାହାଣ୍ଡିର ୮ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢାଉ କରିଛି । ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ତାଙ୍କ ଡାକ୍ତର ଜ୍ୱାଇଁଙ୍କ ଘେର ବି ରେଡ୍ ଚାଲିଛି । ଏଇଇଙ୍କ ଡାକ୍ତର ଜ୍ୱାଇଁ ତପନ ଶତପଥୀ ଘରୁ ମିଳିଲାଣି ନଗଦ ୨୨ ଲକ୍ଷ । କଳାହାଣ୍ଡି ଜୁନାଗଡ଼ରେ ଜ୍ୱାଇଁ ଘରେ ଜାରି ରହିଛି ଭିଜିଲାନ୍ସ ରେଡ୍ । ୮ଟି ସ୍ଥାନରେ ଚାଲିଥିବା ସନ୍ଧାନରେ, ଶତପଥୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଏପର୍ଯ୍ୟନ୍ତ ଠାବ କରାଯାଇଛି। ପ୍ରାୟ ୫୦୦୦ ବର୍ଗଫୁଟ ଅଂଚଳରେ ୨ମହଲା କୋଠା। କଟକର ବାରଙ୍ଗରେ ୧ ଏବଂ ଅନ୍ୟ ୨୦ ଟି ପ୍ଲଟ ସମେତ ୨୧ ଟି ମୂଲ୍ୟବାନ ପ୍ଲଟ। ଜୁନାଗଡ଼ର ସିଏଚସି ମେଡିକାଲ୍ ଅଫିସର ରାମଚନ୍ଦ୍ର ଶତପଥୀଙ୍କ ଜ୍ୱାଇଁଙ୍କ ଘର ଖୋଜାଖୋଜି ସମୟରେ ୨୩.୯୫ ଲକ୍ଷ ଟଙ୍କା ନଗଦ ଉଦ୍ଧାର କରାଯାଇଛି। ପାଣ୍ଠିର ଉତ୍ସ ଜାଣିବା ପାଇଁ ଉଭୟଙ୍କୁ ପଚରାଉଚରା କରାଯାଉଛି। ୩୫୦ ଗ୍ରାମ ସୁନା ଅଳଙ୍କାର। ୧,୦୬,୬୬,୪୭୫/- ଟଙ୍କା ମୂଲ୍ୟର ବ୍ୟାଙ୍କ, ଡାକ ଏବଂ ବୀମା ଜମା। ୨ଟି ଚାରି ଚକିଆ। ଯାନ (ରାମ ଚନ୍ଦ୍ର ସତପଥୀଙ୍କ ନାମରେ ହୋଣ୍ଡା ଜାଜ୍ ଏବଂ ତାଙ୍କ ଜ୍ୱାଇଁଙ୍କ ନାମରେ ହୁଣ୍ଡାଇ ଆଇ୨୦) ଏବଂ ୨ଟି ଦୁଇ ଚକିଆ। ଯାନ। ୧୭.୩୧ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଘରୋଇ ସାମଗ୍ରୀ।

# ମୟୂରଭଞ୍ଜରେ ୧୦ ଶିଳ୍ପ ପ୍ରକଳ୍ପ : ମୁଖ୍ୟମନ୍ତ୍ରୀ

**ବାରିପଦା,୧୬।୪(ମହାଭାରତ):** ପିଏମ୍ ବିଶ୍ୱକର୍ମା ଯୋଜନା କେବଳ ଏକ ଅର୍ଥନୈତିକ ସାହାଯ୍ୟ ନୁହେଁ। ଏହା ହେଉଛି ଆମର ମହତ ଭାବନା ଏବଂ ଏକ ଦୃଢ ସଂକଳ୍ପର ପରିଣାମ। ଗରିବ ଶିଳ୍ପୀ ଓ କାରିଗରଙ୍କୁ ମଧ ଏହା ମାଧ୍ୟମରେ ଆମେ ବିକାଶର ମୁଖ୍ୟ ଧାରାରେ ସାମିଲ କରିବୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଠାରେ ଆୟୋଜିତ ପିଏମ୍ ବିଶ୍ୱକର୍ମା ଏବଂ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଓ ଜାତି ହବ୍ କନ୍‌କ୍ଲେଭ୍‌ରେ ଯୋଗଦେଇ କହିଛନ୍ତି।




ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସମାଜରେ ବହୁ ପୁରାତନ କାଳରୁ ବିଶ୍ୱକର୍ମା ମାନେ ଯଥା-ବଢେଇ, ରାଜମିସ୍ତ୍ରୀ, କୁମ୍ଭାର, ମୁର୍ତିକାର, ବଣିଆ, ଡୋକ୍ରା କାରିଗର, ଚମଡା କାରିଗର, ନଡିଆ କତା ଶିଳ୍ପୀଙ୍କ ପରି ଅନେକ ଅନ୍ୟାନ୍ୟ କାରିଗର ନିଜର କୌଶଳ ଦ୍ୱାରା ଦେଶ ଓ ରାଜ୍ୟକୁ ସମୃଦ୍ଧ କରିଛନ୍ତି। ଏହି ପରମ୍ପରାକୁ ଅଧିକ ସମୃଦ୍ଧ ଓ ଗରିମାମୟ କରିବା ଏବଂ ଏହି ପାରମ୍ପାରିକ ଶିଳ୍ପୀ ଓ କାରିଗର ମାନଙ୍କୁ ଯଥୋଚିତ ସମ୍ମାନ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୨୩ ମସିହାରେ ପିଏମ୍ ବିଶ୍ୱକର୍ମା ଯୋଜନା ଆରମ୍ଭ କରିଛନ୍ତି।

ଏହି ଯୋଜନାରେ ବଢେଇ, ଡଙ୍ଗା ନିର୍ମାତା, କମାର, ବଣିଆ, କୁମ୍ଭକାର, ମୂର୍ତିକାର, ପଥର ଖୋଦେଇକାରୀ, ଜୋତା କାରିଗର, ରାଜମିସ୍ତ୍ରୀ, ନଡିଆ କତା ଶିଳ୍ପୀ, ଝୁଡି/ ଗାଲିଚା କାରିଗର, କଣ୍ଢେଇ ଓ ଖେଳଣା ନିର୍ମାତା, ନାପିତ, ରଜକ, ଫୁଲମାଳା ନିର୍ମାତା, ଦର୍ଜୀ, ମାଛ ଜାଲ ବୁଣାଳୀ ଆଦି ୧୮ ପ୍ରକାର ବୃତିକୁ ସାମିଲ କରାଯାଇଛି। ଏହି ପାରମ୍ପାରିକ କାରିଗର ଓ ଶିଳ୍ପୀ ମାନଙ୍କୁ ବିଶ୍ୱକର୍ମା ଭାବରେ ପରିଚିତ କରି ଯୋଜନା ଅନ୍ତର୍ଭୁକ୍ତ ସୁବିଧା ହାସଲ କରିବା ନିମନ୍ତେ ସେମାନଙ୍କୁ ସମର୍ଥ କରାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହି ଯୋଜନାରେ ସମୟର ଆବଶ୍ୟକତା ଅନୁସାରେ ଆମର ଏହି ବିଶ୍ୱକର୍ମା ମାନଙ୍କୁ ପ୍ରୋତ୍ସାହନ, ସେମାନଙ୍କ ଦକ୍ଷତା ବିକାଶ ଓ ଆଧୁନିକ ଯନ୍ତ୍ରପାତିର ସହଯୋଗ ପ୍ରଦାନ କରାଯାଉଛି।

ଏହି ଯୋଜନାରେ ବର୍ତମାନ ଆମ ରାଜ୍ୟରେ ୧,୦୫,୩୬୧ ଜଣ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି। ୭୭,୧୦୩ ଜଣ ହିତାଧିକାରୀ ମୌଳିକ ପ୍ରଶିକ୍ଷଣ ନେଇ ସାରିଛନ୍ତି। ୧୦,୫୨୩ ଜଣ ହିତାଧିକାରୀଙ୍କୁ ଋଣ ମଞ୍ଜୁର କରାଯାଇ ୮,୮୬୭ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି। ସେହିଭଳି ମୟୂରଭଞ୍ଜ ଜିଲ୍ଲାର ୧,୮୩୧ ଜଣ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି। ୧୪୭୫ ଜଣ ହିତାଧିକାରୀ ମୌଳିକ ପ୍ରଶିକ୍ଷଣ ନେଇଛନ୍ତି ଏବଂ ୨୦୯ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି।

ମୟୂରଭଞ୍ଜ ଜିଲ୍ଲାର ଦୁଇ ଜଣ ଉଦ୍ୟୋଗୀଙ୍କ ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ ଯୁବପିଢିଙ୍କୁ କହିଥିଲେ ଯେ, ଆଜି ଆଉ ଚାକିରୀ ପଛରେ ପଡିବାର ଆବଶ୍ୟକତା ନାହିଁ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଉଦ୍ୟୋଗୀ ବନାଇବା ପାଇଁ ସରକାରୀ ସ୍ତରରେ ଋଣ ଠାରୁ ତାଲିମ୍ ପର୍ଯ୍ୟନ୍ତ ସମସ୍ତ ସହାୟତା ପ୍ରଦାନ କରାଯାଉଛି। ଆପଣ ମାନେ ଆସନ୍ତୁ, ଏଥିରେ ସାମିଲ ହୁଅନ୍ତୁ, ଉଦ୍ୟୋଗୀ ବନନ୍ତୁ ଓ ଆଗକୁ ବଢନ୍ତୁ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ୨୦୧୪ ପରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗଠନ ହେଲା ପରେ ଖଦୀର ପ୍ରଚାର ପ୍ରସାର ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଗତ ଆର୍ଥିକ ବର୍ଷରେ ଖଦୀ ଓ ଭିଲେଜ୍ ଇଣ୍ଡଷ୍ଟ୍ରିର ଟର୍ଣ୍ଣଓଭର ୧.୫ ଲକ୍ଷ କୋଟିରେ ପହଂଚିଛି। ୧୦ ବର୍ଷ ମଧ୍ୟରେ ଏହାର ବିକ୍ରି ୪୦୦ ପ୍ରତିଶତ (ପୃ-୮)

# ଆସୁଛନ୍ତି ଗଡ଼କରୀ : ୪ ହଜାର କୋଟିର ପ୍ରକଳ୍ପ ଭେଟି

**ଭୁବନେଶ୍ୱର,୧୬।୪(ମହାଭାରତ):** କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆସନ୍ତାକାଲି ଓଡିଶା ଗସ୍ତରେ ଆସିବେ। ଶ୍ରୀ ଗଡ଼କରୀ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ। ଫଳରେ ରାଜ୍ୟର ସଡ଼କ ଭିତ୍ତିଭୂମିକୁ ଏକ ବଡ଼ ଧରଣର ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି। ଏହି ଅବସରରେ ଚାରି ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୯ ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ କେନ୍ଦ୍ର ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରି । ସେଥିମଧ୍ୟରୁ ୧୩ଟି ଜାତୀୟ ରାଜପଥ ପ୍ରକଳ୍ପ ୨୯୦୫ କୋଟି ଟଙ୍କାର ଶିଳାନ୍ୟାସ କରିବେ ନୀତିନ ଗଡ଼କରୀ ।



ଦିନିକିଆ ରାଜ୍ୟ ଗସ୍ତରେ ଆସୁଥିବା ଗଡ଼କରୀ ୪ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିବା ସହ ରାଜ୍ୟରେ ଚାଲିଥିବା ରାଜପଥ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବେ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜୟନ୍ତୀ ଅବସରରେ ସେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଡ. ହରେକୃଷ୍ଣ ମହତାବ ସ୍ମାରକୀ ବକ୍ତୃତାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ଗଡ଼କରୀ ବରମୁଣ୍ଡା ଯାଇ ପାଖାପାଖି ୩୨୦୦ କୋଟି ଟଙ୍କାର ୧୭ଟି ରାଜପଥ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ପ୍ରାୟ ୮୨୦ କୋଟି ଟଙ୍କାର ଦୁଇଟି ପ୍ରକଳ୍ପର ଉଦଘାଟନ କରିବେ। ତାଳଚେରରୁ କାମାକ୍ଷାନଗର ଜାତୀୟ ରାଜପଥ-୧୪୯ ଓ ୫୩କୁ ୭୯୫ କୋଟି ଟଙ୍କା ବ୍ୟୟରେ ୪ ଲେନ୍ ଏବଂ ୧୬ ନମ୍ବର ଜାତୀୟ ରାଜପଥର ବାଲିକୁଦା, ଶିଖରପୁର ଓ ବଡ଼ଚଣାଠାରେ ୪୬ କୋଟି ଟଙ୍କାରେ ଅଣ୍ଡର ପାସ ନିର୍ମାଣ କରାଯିବ। ୯୭୩ କୋଟି ଟଙ୍କା ବ୍ୟୟରେ ବଉଁରପାଳ-ଗୋଡିବନ୍ଧ ୪ ଲେନ୍ ନିର୍ମାଣ, ୫୯ ନମ୍ବର ଜାତୀୟ ରାଜପଥର ଦାରିଙ୍ଗବାଡ଼ି ଘାଟ ଅଂଶକୁ ୭୧୮ କୋଟି ଟଙ୍କାରେ ପ୍ରଶସ୍ତୀକରଣ, ମଙ୍ଗଳପୁରରୁ କୟାଁଙ୍ଗୋଲା ପର୍ଯ୍ୟନ୍ତ ୧୦ ନମ୍ବର ଜାତୀୟ ରାଜପଥକୁ ୩୭୪ କୋଟି ଟଙ୍କାରେ ପ୍ରଶସ୍ତୀକରଣ ଓ ଜରିମୁଲିକୁ ସଂଯୋଗ କରୁଥିବା ପୂଜାରୀପାଲ୍ଲୀ ଘାଟିରେ ମହାନଦୀ ଉପରେ ୨୭୩.୯୪ କୋଟି ଟଙ୍କାରେ ପୋଲ ନିର୍ମାଣ କରାଯିବ।

# ଚୀନ ଉପରେ ୨୪୫% ଶୁଳ୍କ ଲଗାଇଲେ ଟ୍ରମ୍ପ

ନୂଆଦିଲ୍ଲୀ,୧୬।୪: ଆମେରିକା ଏବଂ ଚୀନ ମଧ୍ୟରେ ତାରିଫ ଯୁଦ୍ଧ ତୀବ୍ରତର ହେବାରେ ଲାଗିଛି।ଚୀନ ଉପରେ ୨୪୫% ତାରିଫ ଲାଗୁ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ପୂର୍ବରୁ ଏହା ୧୪୫% ରହିଥିଲା। ମଙ୍ଗଳବାର ରାତିରେ ଟ୍ରମ୍ପ ଚୀନ ଉତ୍ପାଦ ଉପରେ ଆହୁରି ୧୦୦% ଶୁଳ୍କ ବୃଦ୍ଧି କରିଛନ୍ତି। ଯାହାଫଳରେ ଆମେରିକାକୁ ଚୀନ ରପ୍ତାନୀ କରୁଥିବା ଉତ୍ପାଦ ଉପରେ ୨୪୫% ଶୁଳ୍କ ଲାଗୁ କରାଯିବ।



ଦୁଇ ଦେଶ ମଧ୍ୟରେ ତାରିଫ ଯୁଦ୍ଧ ଚାଲିଥିବାବେଳେ ଚୀନ ଆମେରିକା ବିରୋଧରେ ଅର୍ଥନୈତିକ ଅବରୋଧ କଲା ଭଳି ପଦକ୍ଷେପ ନେଉଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି। ଚୀନ ଆମେରିକାକୁ ଗ୍ୟାଲିୟମ, ଜର୍ମାନିୟମ ଏବଂ ଆଣ୍ଟିମୋନୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦାର୍ଥ ରପ୍ତାନୀ ଉପରେ କଟକଣା ଲାଗୁ କରିଛି। ଏସବୁ ପଦାର୍ଥ ଏରୋସ୍ପେଶ, ପ୍ରତିରକ୍ଷା ଏବଂ ସେମିକଣ୍ଡକ୍ଟର କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଚୀନ ନିକଟରେ ୬ଟି ବସ୍ତୁ ରପ୍ତାନୀ ଉପରେ କଟକଣା ଲାଗୁ କରିବା ଫଳରେ ବିଶ୍ୱବ୍ୟାପୀ ଏହାର ଅଭାବ ପରିଲକ୍ଷିତ ହୋଇଛି ବୋଲି ଆମେରିକା କହିଛି।

# ଅନାସ୍ଥାରେ ହାରିଲେ କଳମପୁର ବ୍ଲକ ଅଧ୍ୟକ୍ଷା

ଧର୍ମଗଡ଼,୧୬।୪(ମହାଭାରତ): କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଆଜି ଅନାସ୍ଥା ଭୋଟ୍ ହୋଇଛି। ବ୍ଲକ ଅଧ୍ୟକ୍ଷା ମୋତି ବିହାରୀ ବିଭିନ୍ନ ଅନିୟମିତତା ଏବଂ ଦୁର୍ନୀତିରେ ସାମିଲ ଥିବା ନେଇ ୧୯ଜଣ ସମିତି ସଭ୍ୟ ଓ ସରପଞ୍ଚ ତାଙ୍କ ବିରୁଦ୍ଧରେ ଗତ ମାର୍ଚ୍ଚ ୧୦ ତାରିଖ ଦିନ ଧର୍ମଗଡ ଉପଜିଲ୍ଲାପାଳଙ୍କୁ ଭେଟି ଅନାସ୍ଥା ପାଇଁ ଲିଖିତ ଅଭିଯୋଗ କରିଥିଲେ। ଏଥିପାଇଁ ପ୍ରଶାସନ ପକ୍ଷରୁ ଆଜି ଦିନଧାର୍ଯ୍ୟ କରାଯାଇଥିବା ବେଳେ ବ୍ଲକର ୨୧ ଜଣ ସମିତି ସଭ୍ୟ ଓ ସରପଞ୍ଚ ଏବଂ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଅନାସ୍ଥା ଭୋଟରେ ଅଂଶ ଗ୍ରହଣ କରିଥିଲେ। ଅନାସ୍ଥା ସପକ୍ଷରେ ୨୧ ଭୋଟ ପଡିଥିବା ବେଳେ ଗୋଟାଏ ଭୋଟ ରିଜେକ୍ଟ ହୋଇଥିଲା। ଅତିରିକ୍ତ ଉପଜିଲ୍ଲାପାଳ ଧର୍ମଗଡ଼ ଅଜୟ କୁମାର ତିର୍କୀ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ଥିଲେ।

# ଲକ୍ଷପତି ଦିଦି : ଦେଶରେ ଓଡ଼ିଶା ଏକ ନମ୍ବର

**ଭୁବନେଶ୍ୱର,୧୬।୪(ମହାଭାରତ):** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଯୋଗାଇ ଦେଇ ବାର୍ଷିକ ୧ ଲକ୍ଷ କିମ୍ବା ଅଧିକ ରୋଜଗାର କରିବାକୁ ସଶକ୍ତ କରୁଥିବା ଲକ୍ଷପତି ଦିଦି ଯୋଜନାରେ ଓଡ଼ିଶା ଆଜି ଭାରତରେ ପ୍ରଥମ ସ୍ଥାନ ହାସଲ କରିଛି। ୨୦୨୫ ଏପ୍ରିଲ ୧୩ ସୁଦ୍ଧା ଓଡ଼ିଶାରେ ଚିହ୍ନଟ କରାଯାଇଥିବା ୧୭.୫୯ ଲକ୍ଷ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ ମଧ୍ୟରୁ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଏଯାବତ ଲକ୍ଷପତି ଦିଦିରେ ପରିଣତ ହୋଇସାରିଛନ୍ତି।



ଅନୁମୋଦିତ ଲକ୍ଷ୍ୟର ୮୨% ପୂରଣ କରି ଓଡିଶା ଦେଶର ଅନ୍ୟ ସମସ୍ତ ରାଜ୍ୟକୁ ଅତିକ୍ରମ କରିଛି। ଏହି ପ୍ରୟାସକୁ ଓଡିଶାରେ ମିସନ ଶକ୍ତି ବିଭାଗ ଅଧୀନରେ ଓଡିଶା ଜୀବିକା ମିଶନ (ଓଏଲଏମ) ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ଏବଂ କେନ୍ଦ୍ର ପ୍ରାୟୋଜିତ ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନଆରଏଲଏମ)ର ଲକ୍ଷ୍ୟ ସହିତ କାର୍ଯ୍ୟକାରୀ କରାଯାଇଛି। ମିସନ-ମୋଡ୍ ରେ ଆରମ୍ଭ ହୋଇ ଏହି କାର୍ଯ୍ୟକ୍ରମ ରାଜ୍ୟରେ ବିଭାଗୀୟ ସହଭାଗିତା, ଆଞ୍ଚଳିକ ସ୍ତରରେ ନେତୃତ୍ୱ, ଏବଂ ଜୀବନ ଜୀବିକାକୁ ସୁଦୃଢ଼ କରି ଏକ ଶକ୍ତିଶାଳୀ ମଡେଲ ଭାବେ ଉଭା ହୋଇଛି।

ଏହି ପରିବର୍ତ୍ତନର ଆରମ୍ଭ ତୃଣମୂଳ ସ୍ତରରୁ ସମ୍ଭାବ୍ୟ ଲକ୍ଷପତି ଦିଦି (ପିଏଲଡି) ଙ୍କୁ ଘର-ଘର ବୁଲି ଚିହ୍ନଟ ଅଭିଯାନ ମାଧ୍ୟମରେ ଆରମ୍ଭ ହୋଇଥିଲା କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍ଏସ୍), ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ନେତ୍ରୀବୃନ୍ଦ ତଥା ଓଏଲଏମ ଅଧିକାରୀମାନେ ଘରକୁ ଘର ସର୍ବେକ୍ଷଣ କରି, ଆୟ ସ୍ତର, ଦକ୍ଷତା, ଏବଂ ଆର୍ଥିକ ସ୍ୱାଧୀନତାର ଆକାଂକ୍ଷାକୁ ତର୍ଜମା କରିଥିଲେ ।ଏହି ମହିଳାମାନଙ୍କୁ କେବଳ ଚିହ୍ନଟ କରାଯାଇନଥିଲା, ସେମାନଙ୍କୁ ପ୍ରଶିକ୍ଷଣ, ସମସ୍ତ ଆବଶ୍ୟକୀୟ ସହାୟତା ଏବଂ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରାଯାଇଥିଲା।

ପ୍ରତ୍ୟେକ ସମ୍ଭାବ୍ୟ ଲକ୍ଷପତି ଦିଦି (ପିଏଲଡି)ଙ୍କ ପାଇଁ ବ୍ୟକ୍ତିଗତ ବ୍ୟବସାୟ ବିକାଶ ଯୋଜନା (ବିଡିପିଏସ୍) ପ୍ରସ୍ତୁତ କରାଯାଇଥିଲା, ଯାହା ସେମାନଙ୍କ ସ୍ଥାନୀୟ ପରିବେଶ ଏବଂ କ୍ଷମତା ଅନୁଯାୟୀ ସେମାନଙ୍କର ବିଦ୍ୟମାନ ଅର୍ଥନୈତିକ କାର୍ଯ୍ୟକଳାପକୁ ଆହୁରି ବିସ୍ତାର କିମ୍ବା ବିବିଧ କରିବା ପାଇଁ ମାର୍ଗ ପ୍ରଦାନ କରିଥିଲା। ଏହି ଯୋଜନାକୁ ବାସ୍ତବରେ ରୂପ ଦେବା ପାଇଁ, ରାଜ୍ୟ ସରକାର ଓଡିଶାର ପ୍ରତ୍ୟେକ କୋଣ ଅନୁକୋଣରେ ସ୍ଥାନୀୟ (ଅନସାଇଟ୍) ପ୍ରଶିକ୍ଷଣ ଅଧିବେଶନ ଆୟୋଜନ କରିଥିଲେ। ମାଷ୍ଟର ଟ୍ରେନର୍ ମାନେ ମହିଳାମାନଙ୍କୁ ବୈଷୟିକ ଏବଂ ଉଦ୍ୟୋଗିକ ଦକ୍ଷତା ହାସଲ କରିବାରେ ସହାୟତା କରିଥିଲେ, ଯେଉଁଥିରେ ସିଲାଇ, ଛତୁ ଚାଷ, ପଶୁପାଳନ ତଥା ଖାଦ୍ୟ ପ୍ରକ୍ରିୟାକରଣ ଅନ୍ତର୍ଭୁକ୍ତ କରାଯାଇଥିଲା ଏହି ପ୍ରଶିକ୍ଷଣ ମାଧ୍ୟମରେ ମହିଳାମାନେ ପାରମ୍ପାରିକ ଜ୍ଞାନକୁ ବ୍ୟବହାରିକ କୌଶଳ ମାଧ୍ୟମରେ ବ୍ୟବସାୟରେ ପରିଣତ କରିବାର ମାର୍ଗ ପାଇଥିଲେ।

ଆବର୍ତ୍ତନ ପାଣ୍ଠି ଟ.୧୫,୦୦୦ରୁ ବୃଦ୍ଧି କରି ଟ.୩୦,୦୦୦ କରାଯାଇଥିବା ବେଳେ, କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡକୁ ୩୫ ଲକ୍ଷ ଟଙ୍କାରୁ ବଢ଼ାଇ ୬୦ ଲକ୍ଷ ଟଙ୍କା କରାଯାଇଛି। ଏହି କାର୍ଯ୍ୟକାରୀ ପୁଞ୍ଜିର ପ୍ରବାହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉତ୍ତମ ଉପକରଣରେ ନିବେଶ କରିବା, କାର୍ଯ୍ୟ ବିସ୍ତାର କରିବା ଏବଂ ବଡ ଧରଣର ଅର୍ଡରଗୁଡ଼ିକୁ ପୂରଣ କରିବାକୁ ସକ୍ଷମ କରିଛି ।ଏହି ଲକ୍ଷପତି ଦିଦି ମାନଙ୍କ ମଧ ରୁ ବହୁ ଯୋଗ୍ୟ ହିତାଧିକାରୀମାନେ ସୁଭଦ୍ରା ସହାୟତା ମଧ ପାଇଛନ୍ତି ।ଯାହା ସେମାନଙ୍କ ମନୋବଳକୁ ଆହୁରି ଦୃଢ଼ କରିଛି । ଗ୍ରାମୀଣ ଉଦ୍ୟୋଗୀମାନଙ୍କ ପାଇଁ ଋଣର ବୋଝକୁ ହାଲୁକା କରିବା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ସେମାନଙ୍କର କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କିମ୍ବା ବିସ୍ତାର କରିବାରେ ସକ୍ଷମ କରିବା ନିମନ୍ତେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯିବାର ସହାୟତା ଜାରି ରହିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୬।୪(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଅପ୍ରେଲ ୨୧ ତାରିଖ-ସୋମବାରରେ ସମ୍ବଲପୁରରେ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି ଠାରେ ଏହି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।



ଏଥିପାଇଁ ଆସନ୍ତାକାଲି ଅପ୍ରେଲ ୧୭ତାରିଖ ଦିବା ୧୧ ଘଟିକା ଠାରୁ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହେବ ।ଏଥିପାଇଁ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ପଞ୍ଜୀକୃତ ଦରଖାସ୍ତକାରୀ ସେମାନଙ୍କର ପଞ୍ଜୀକୃତ ପ୍ରାପ୍ତିପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜ ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି ଠାରେ ୨୧ ତାରିଖ ଦିନ ସକାଳ ୮ଟା ସମୟରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇ ପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ଜୀବନଚର୍ଯ୍ୟା





## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ । ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ବରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ବା ସସ୍ ସହିତ ପରଷନ୍ତୁ ।



ଖବର

## ୨୩ରେ ଗ୍ୟାଙ୍ଗସ ଅଫ ପୁରୀ ପାର୍ଟ-୨




ଲୋକପ୍ରିୟ ୱେବସିରିଜ ଗ୍ୟାଙ୍ଗସ ଅଫ ପୁରୀ ସିଜିନ -୨ ର ଟ୍ରେଲର ଉନ୍ମୋଚିତ ହୋଇଯାଇଛି । ଏପ୍ରିଲ ୨୩ ତାରିଖରେ ଏହା ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ଷ୍ଟ୍ରିମିଙ୍ଗ ହେବ। ଭୁବନେଶ୍ୱରର ଏକ ତାରକା ହୋଟେଲରେ ଏହି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସିରିଜରେ ପୂର୍ବରୁ ନଜର ଆସିଥିବା କଳାକାର ଚୌଧୁରୀ ଜୟ ପ୍ରକାଶ ଦାସ , ହର ରଥ , ରବି ମିଶ୍ର , ଉଦିତଗୁରୁ , ଦ୍ୱୀପନମିତ ଦାସ , କେକେ , ମନ୍ତ୍ରୀ , ନିଶାନ୍ତ ପ୍ରମୁଖ ଅଭିନେତା ନଜର ଆସିବେ । ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶନା ପୁଣି ଦେଖିବାକୁ ପାଇବେ ଦର୍ଶକ। ପୂର୍ବ ମାସରେ ଏହାର ଟିଜର ରିଲିଜ ହେବା ପରେ ଟ୍ରେଲରକୁ ଦର୍ଶକ ଅପେକ୍ଷା କରି ରହିଥିଲେ ।ଏବେ ଏହାର ଟ୍ରେଲର ସାମ୍ନାକୁ ଆସିବା ପରେ ପ୍ରଶଂସକଙ୍କ ଉତ୍ସାହ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି ।

## ଶିବଙ୍କ ତ୍ରିଶୂଳ ଉପରେ ବିରାଜମାନ ତୀର୍ଥ

ଶାସ୍ତ୍ରରେ କୁହାଯାଇଛି ଯେ ଆତ୍ମାର ଅନ୍ତିମ ଲକ୍ଷ୍ୟ ହେଉଛି ପରମାତ୍ମାଙ୍କ ସହ ମିଳନ । ସେଥିପାଇଁ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀର ମଧ୍ୟକୁ ଘୂରି ବୁଲିଥାଏ । ଧର୍ମଗ୍ରନ୍ଥରେ ମୋକ୍ଷ ପ୍ରାପ୍ତିର ଅନେକ ବିଧି ଏବଂ ବ୍ରତ ସମ୍ପର୍କରେ ବର୍ଣ୍ଣନା ରହିଛି । ଏଥିସହିତ କେତେକ ଏପରି ପବିତ୍ର ସ୍ଥାନ ରହିଛି ଯେଉଁଠି ଶରୀର ତ୍ୟାଗ କରିବା ମାତ୍ରେ ଆତ୍ମାର ଆବାଗମନ ଚକ୍ରରୁ ମୁକ୍ତି ମିଳିଥାଏ ଏବଂ ଆତ୍ମା ସିଧାସଳଖ ପରମାତ୍ମାରେ ବିଲୀନ ହୋଇଯାଇଥାଏ । ସେଥିପାଇଁ ଏହିସବୁ ସ୍ଥାନରେ ଦେହତ୍ୟାଗର କାମନା କରିଥାଏ ପ୍ରତ୍ୟେକ ଆତ୍ମା । ତେବେ ଅତିଭାଗ୍ୟଶାଳୀ ଲୋକଙ୍କୁ ହିଁ ପବିତ୍ର ସ୍ଥାନରେ ଦେହତ୍ୟାଗ କରିବାର ସୁଯୋଗ ଜୁଟିଥାଏ । ଏହିପରି ଏକ ପବିତ୍ର ସ୍ଥାନ ହେଉଛି କାଶୀ । ଏହି ସହର ଭଗବାନ ଶିବଙ୍କ ତ୍ରିଶୂଳ ଉପରେ ବିରାଜମାନ ବୋଲି ବିଶ୍ୱାସ କରାଯାଇଥାଏ । ଦେବ ଦେବ ମହାଦେବ କାଶୀର କଟୁଆଳ ରୂପେ କାଳଭୈରବଙ୍କୁ ନିଯୁକ୍ତ କରିଛନ୍ତି । ଏହି ସ୍ଥାନକୁ ଯମରାଜ ଏବଂ ଯମଦୂତଙ୍କ ପ୍ରବେଶ ବର୍ଜିତ । ସେଥିପାଇଁ ଏଠାରେ ଦେହତ୍ୟାଗ କଲେ ନର୍କ ପ୍ରାପ୍ତି ହୋଇନଥାଏ । ଧାର୍ମିକ ନଗରୀ କାଶୀରେ ଦେହତ୍ୟାଗ କରୁଥିବା ବ୍ୟକ୍ତିର ଭଲମନ୍ଦ କର୍ମର ବିଚାର କାଳଭୈରବ କରିଥାନ୍ତି । କାଳଭୈରବଙ୍କ ଦଣ୍ଡରୁ ମୁକ୍ତ ହେବା ପରେ ଦେହତ୍ୟାଗ କରୁଥିବା ଆତ୍ମା ନିଶ୍ଚିତ ରୂପେ ପରମାତ୍ମା ସହ ମିଳିତ ହୋଇଥାଏ ।



## ୧୬ କଳାରେ ପରିପୂର୍ଣ୍ଣ ଶ୍ରୀଜଗନ୍ନାଥ



ପ୍ରଥମକଳା-ନିବୃତ୍ତି : ସଂସାରରେ ରହି ସାଂସାରିକ ବନ୍ଧନରୁ ମୁକ୍ତ ହେବାର କଳା ।
ଦ୍ୱିତୀୟ କଳା-ପ୍ରତିଷ୍ଠା : ସତ୍‌ମାର୍ଗରେ ଯଶ ଅର୍ଜନ କରିବାର କଳା ।
ତୃତୀୟ କଳା-ବିଦ୍ୟା : ନିସ୍ୱାର୍ଥପର ଭାବେ ଜନକଲ୍ୟାଣ କାର୍ଯ୍ୟର ବିସ୍ତାର କରିବାର କଳା ।
ଚତୁର୍ଥ କଳା-ଶାନ୍ତି : ମନ ଓ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ରଖି ସ୍ଥିର ଚିତ୍ତରେ ରହିବାର କଳା ।
ପଞ୍ଚମ କଳା-ଇନ୍ଧିକା : ନିଜ ଅନ୍ତଶକ୍ତିକୁ ସଂଗ୍ରହ କରିବାର କଳା ।
ଷଷ୍ଠ କଳା-ଦୀପିକା : ଶକ୍ତିର ସତ ଏବଂ ଉପଯୁକ୍ତ ପ୍ରୟୋଗ କରିବାର କଳା ।
ସପ୍ତମ କଳା-ରେଚିକା : ନିଜ ଦୁଷ୍ଟ ପ୍ରବୃତ୍ତିକୁ ଚିହ୍ନି, ତା'କୁ ସ୍ୱୀକାର କରି ପରିତ୍ୟାଗ କରିବାର କଳା ।
ଅଷ୍ଟମ କଳା - ମୋଚିକା : ମାୟା ଓ ମୋହରୁ ମୁକ୍ତ ହେବାର କଳା ।
ନବମ କଳା-ପରା : ନୂଆ ଦିଶା ଅଙ୍କନ ଓ ଭିନ୍ନ ଅମୃତ ଲକ୍ଷ୍ୟ ସ୍ଥାପନ କରିବାର କଳା ।
ଦଶମ କଳା-ସୂକ୍ଷ୍ମ : ସତ ସୂକ୍ଷ୍ମ ବିଚାର କରିବାର କଳା ।
ଏକାଦଶ କଳା - ସୂକ୍ଷ୍ମ ଅମୃତ : ଅମୃତ ତୁଲ୍ୟ କଥାର ପ୍ରୟୋଗ ତଥା ତାହାର ବିତରଣ କରିବାର କଳା ।
ଦ୍ୱାଦଶ କଳା - ଜ୍ଞାନ : ଠିକ୍ ଓ ଭୂଲ ମଧ୍ୟରେ ପ୍ରଭେଦକୁ ବୁଝିବା ଏବଂ ବୁଝାଇବାର କଳା ।
ତ୍ରୟୋଦଶ କଳା - ଜ୍ଞାନ ଅମୃତ : ଜ୍ଞାନ ଅର୍ଜନ କରି ତା'କୁ ଅମୃତ ପରି ବାଣ୍ଟିବାର କଳା ।
ଚତୁର୍ଦ୍ଦଶ କଳା-ଅପ୍ୟାୟିନୀ : ନିଜ କର୍ମ ଦ୍ୱାରା ସମାଜ କଲ୍ୟାଣ କରିବାର କଳା ।
ପଞ୍ଚଦଶ କଳା-ବ୍ୟାପିନୀ : ସତ୍ୟକୁ ସର୍ବବ୍ୟାପୀ କରିବାର କଳା ।
ଷୋଡ଼ଶ କଳା- ବ୍ୟୋମରୂପା : ଆକାଶ ପରି ନିଜ ବିରାଟ ବ୍ୟକ୍ତିତ୍ୱରେ ସମସ୍ତଙ୍କୁ ସମାହିତ କରିବାର କଳା ।

## ଶନିଦେବଙ୍କ କୋପ ଦୃଷ୍ଟିରୁ ରକ୍ଷା ପାଇବାକୁ ଜପ କରନ୍ତୁ ଏହି ମନ୍ତ୍ର



ହିନ୍ଦୁ ଧର୍ମରେ ପ୍ରତ୍ୟେକ ଦିନର ଏକ ବିଶେଷତ୍ୱ ରହିଛି । ଶନିବାର ଦିନ ଶନିଦେବଙ୍କୁ ପୂଜା କରିବାର ବିଧାନ ରହିଛି । ଶନିଦେବଙ୍କ ପୂଜା କଲେ ସମସ୍ତ କଷ୍ଟରୁ ମୁକ୍ତି ମିଳିଥାଏ । ଯେଉଁମାନଙ୍କ କୁଣ୍ଡଳୀରେ ସାଢ଼େସାତୀ ଚାଲିଥାଏ ସେମାନେ ଶନିଦେବଙ୍କୁ ପୂଜା କରିବା ଉଚିତ । ଏହା ଦ୍ୱାରା ଶନିଦେବଙ୍କ କୋପ ଦୃଷ୍ଟିରୁ ରକ୍ଷା ପାଇପାରିବେ। ଶନିଦୋଷରୁ ମୁକ୍ତି ପାଇଁ ମୂଳ ନକ୍ଷତ୍ରଯୁକ୍ତ ଶନିବାରରୁ ଆରମ୍ଭ କରି ୭ ଶନିବାର ଯାଏଁ ଶନିଦେବଙ୍କ ପୂଜା ସହ ବ୍ରତ ପାଳନ କରିବା ଉଚିତ । ସମ୍ପୂର୍ଣ୍ଣ ନିୟମ ଅନୁସାରେ ବ୍ରତ ପାଳନ କଲେ ଶନିଦେବଙ୍କ କୃପା ପ୍ରାପ୍ତ ହୋଇଥାଏ ଏବଂ ଦୁଃଖ ଦୂର ହୋଇଥାଏ । ଶନିଦେବଙ୍କ କ୍ରୋଧରୁ ବଂଚିବା ପାଇଁ ନିହାତି ଆବଶ୍ୟକ। ନଚେତ ମନୁଷ୍ୟ ଜୀବନରେ ନାନା ସମସ୍ୟା ସୃଷ୍ଟି ହୋଇଥାଏ ଏବଂ ଅନେକ ପ୍ରକାର ଦୋଷ ଲାଗିଥାଏ। ଶନିଦେବଙ୍କ ପୂଜା ସମୟରେ କିଛି ବିଶେଷ ମନ୍ତ୍ର ପାଠ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି। ମନ୍ତ୍ର ହେଲା:

ଓଁ ଶନ୍ନୋଦେବୀରଭିଷ୍ଟୟ ଆପୋ ଭବନ୍ତୁ ପୀତୟେ ଶନ୍ୟୋରଭିସ୍ରବନ୍ତୁ ନଃ
ଓଁ ପ୍ରାଂ ପ୍ରିଂ ପ୍ରୋଂ ଶଃ ଶନିଶ୍ଚରାୟ ନମଃ
ଓଁ ଏଂ ହ୍ଲିଂ ଶ୍ରୀଶନିଶ୍ଚରାୟ ନମଃ
କୋଣସ୍ଥ ପିଙ୍ଗଲୋ ବଭ୍ରୁ , କୃଷ୍ଣୋ ରୋଦ୍ରୋନ୍ତକୋ ୟମଃ , ସୌରିଃ ଶନିଶ୍ଚରୋ ମନ୍ଦଂ ପିପ୍ପଲାଦେନ ସଂସ୍ତୁତଃ



## ବାସ୍ତୁ ଅନୁସାରେ ଘରେ ଲଗାନ୍ତୁ ଦର୍ପଣ

ଅଫିସ ହେଉ କିମ୍ବା ଘର, ସବୁ ସ୍ଥାନରେ ଆମେ ଦର୍ପଣ ଖୋଜିଥାଉ। ଦର୍ପଣ ବିନା ଗୃହସ୍ଥ ଜୀବନ ଅଧୁରା ବୋଲି କହିଲେ ଚଳେ। ସାଧାରଣ ଜୀବନଚର୍ଯ୍ୟାରେ ଦର୍ପଣ ଆମ ପାଇଁ ଯେମିତି ଜରୁରୀ ଠିକ୍ ସେହିପରି



ବାସ୍ତୁ ଶାସ୍ତ୍ରରେ ଏହାର ଏକ ବିଶେଷ ମହତ୍ତ୍ୱ ରହିଛି। ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଠିକ୍ ଦିଗରେ ଦର୍ପଣ ନଲଗାଇଲେ, ସୁଖଶାନ୍ତି ହ୍ରାସ ପାଇଥାଏ। ତେବେ ଆସନ୍ତୁ ଜାଣିବା ଦର୍ପଣ କେଉଁ ଦିଗରେ ଲଗାଇବା ଉଚିତ ଏବଂ କେଉଁ ଦିଗରେ ନୁହେଁ।

♦ ଦର୍ପଣ ଲଗାଇବା ସମୟରେ ଗୋଟିଏ କଥା ଉପରେ ଧ୍ୟାନ ଦିଅନ୍ତୁ, ଏହା ଯେପରି ବହୁତ ଉପରେ କମ୍ବା ତଳେ ନରୁହେ। ଦର୍ପଣ ଏପରି ରହିଲେ, ଘରର ସଦସ୍ୟଙ୍କ ମୁଣ୍ଡଯନ୍ତ୍ରଣା ହୋଇଥାଏ।

♦ ସେହିପରି ବେଡ୍ ସାମ୍ନାରେ ଦର୍ପଣ ରଖନ୍ତୁ ନାହିଁ। ଏପରି କଲେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନ ମତାନ୍ତର ହୋଇଥାଏ।

♦ ଘରର ଉତ୍ତର ଦିଗରେ ଦର୍ପଣ ରହିଲେ, ଘରେ ଆର୍ଥିକ ଉନ୍ନତି ହୋଇଥାଏ। ସେହିପରି ଐଶାନ୍ୟ କୋଣ ଓ ପୂର୍ବ ଦିଗରେ ଦର୍ପଣ ଲଗାଇଲେ ଘରର ସଦସ୍ୟଙ୍କ ଉନ୍ନତି ସହିତ ସମାଜରେ ପ୍ରତିଷ୍ଠା ମିଳିଥାଏ।

ବାସ୍ତୁ ଅନୁସାରେ ଗୋଲ ଆକୃତିର ଦର୍ପଣକୁ ଘରେ ରଖିବା ଅଶୁଭୟ ବର୍ଗାକାର କିମ୍ବା ଆୟତାକାର ଦର୍ପଣ ଘରେ ରଖିବା ଶୁଭ।

♦ ଭାଙ୍ଗି ଯାଇଥିବା ଦର୍ପଣ କମ୍ବା ଝାପ୍ସା ଦେଖାଯାଉଥିବା ଦର୍ପଣ ଘରେ ରଖନ୍ତୁ ନାହିଁ। ଏହା ଦ୍ୱାରା ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ।

## ବଜାରରେ ଅସ୍ଥିରତା

ଭାରତ, ଚୀନ, କାନାଡ଼ା ସମେତ ବିଭିନ୍ନ ରାଷ୍ଟ୍ରରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ସେ ଟାରିଫ ବୃଦ୍ଧି କରିବା ଯୋଗୁ ହାହାକାର ପଡ଼ିଯାଇଛି। ସେୟାର ବଜାର ରସାତଳଗାମୀ। କିନ୍ତୁ ଚୀନ ଏତେ ସହଜରେ ଆମେରିକା ନିକଟରେ ଆତ୍ମସମର୍ପଣ କରିବା ଦେଶ ନୁହେଁ। ଆମେରିକା ବିରୋଧରେ ମଧ୍ୟ ଏହା ପାଲଟା ଟାରିଫ ଲାଗୁ କରିଛି। ଅନ୍ୟ କେତେକ ଦେଶ ମଧ୍ୟ ଆମେରିକା ବିରୋଧରେ ପାଲଟା ପଦକ୍ଷେପ ନେଇଛନ୍ତି। ବିଶ୍ୱର ବିଭିନ୍ନ ଦେଶ ସହିତ ଖୋଦ ଆମେରିକାରେ ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ସୃଷ୍ଟି ହୋଇଛି ପ୍ରବଳ ପ୍ରତିକ୍ରିୟା। ଆମେରିକାରେ ଟ୍ରମ୍ପଙ୍କ ବିରୋଧରେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ମାତ୍ର ଅଳ୍ପଦିନ ତଳେ ଟ୍ରମ୍ପ ଥିଲେ ଆମେରିକାର ଲୋକପ୍ରିୟ ନେତା। ଏବେ ସେ ନାୟକରୁ ଖଳନାୟକ ପାଲଟିଯାଇଛନ୍ତି। ଏହାକୁ ଅନୁଭବ କରିବା ପରେ ଟ୍ରମ୍ପ ଚୀନ ବ୍ୟତିତ ଅନ୍ୟ ଦେଶ ଉପରେ ଲାଗୁ ହୋଇଥିବା ବର୍ଦ୍ଧିତ ଟାରିଫକୁ ୯୦ ଦିନ ପାଇଁ ସ୍ଥଗିତ ରଖିଛନ୍ତି। କାଳେ ଆମେରିକା ବିରୋଧରେ ଚୀନ ନେତୃତ୍ୱରେ ସବୁ ଦେଶ ଏକାଠି ହୋଇଯିବେ ସେହି ଆଶଙ୍କାରେ ଟ୍ରମ୍ପ ଏଭଳି ପଦକ୍ଷେପ ନେଇଛନ୍ତି। ଏହା ଫଳରେ ଭାରତ ଭଳି ଆମେରିକାର ବଡ଼ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ଆଶ୍ୱସ୍ତ ହୋଇଛନ୍ତି। ଏହା ସାମୟିକ ହୋଇପାରେ। କିନ୍ତୁ ଆକସ୍ମିକ ବିପର୍ଯ୍ୟୟକୁ ଏହା ଏଡ଼ାଇଯାଇଛି। ଏବେ ୯୦ ଦିନ ପର୍ଯ୍ୟନ୍ତ ଭାରତ ସମେତ ବିଭିନ୍ନ ଦେଶରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟାରିଫ ୧୦ ପ୍ରତିଶତରେ ସୀମିତ ରହିବ। କିନ୍ତୁ ଚୀନ ଉପରେ ୧୨୫ ପ୍ରତିଶତ ଟାରିଫ ବଳବତ୍ତର ରହିବ। କହିବା ବାହୁଲ୍ୟ ଯେ, ଚୀନ ଆମେରିକାର ୧୦୪% ଟାରିଫ ଜବାବରେ ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୮୪% ଟାରିଫ ଲାଗୁ କରିଥିଲା। ତେଣୁ ଟ୍ରମ୍ପ ହଠାତ ଚୀନ ସାମଗ୍ରୀ ଉପର ଟାରିଫକୁ ୧୦୪ ପରିବର୍ତ୍ତେ ୧୨୫ ପ୍ରତିଶତକୁ ବୃଦ୍ଧି କରି ଦେଲେ। ଏହା ଏକପାଖିଆ ଏବଂ ବିଶ୍ୱ ବାଣିଜ୍ୟ ଚୁକ୍ତିର ବିରୋଧୀ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ନ୍ୟାୟସଙ୍ଗତ ନୁହେଁ ବୋଲି ୟୁରୋପୀୟ ରାଷ୍ଟ୍ରସଂଘ ପକ୍ଷରୁ କୁହାଯାଉଛି। ବାସ୍ତବରେ ଟ୍ରମ୍ପ ବିଶ୍ୱ ନେତା ହେବାକୁ ଅଯୋଗ୍ୟ। ବିଶ୍ୱର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ଦେଶ ଆମେରିକାର ରାଷ୍ଟ୍ରପତି ସମଗ୍ର ବିଶ୍ୱର ସ୍ୱାର୍ଥ, ମାନବ ଜାତିର କଲ୍ୟାଣ କଥା ଚିନ୍ତା କରିବା ଉଚିତ। କିନ୍ତୁ ଟ୍ରମ୍ପଙ୍କ ନିକଟରେ ଏହାର ଅଭାବ ରହିଛି। ସେ ଜଣେ ସ୍ୱାର୍ଥପର ଅପରିଣାମଦର୍ଶୀ ନେତା। ଜଣେ ଲାଭଖୋର ବ୍ୟବସାୟୀଙ୍କଠାରୁ ଏହାଠାରୁ ଅଧିକ ଆଶା କରାଯାଏନା। ଏବେ ଟ୍ରମ୍ପ ଆମେରିକା ସମ୍ବିଧାନରେ ସଂଶୋଧନ କରି ନିଜେ କିପରି ଆଜୀବନ ରାଷ୍ଟ୍ରପତି ପଦରେ ରହିବେ ସହି କଥା ଚିନ୍ତା କରୁଛନ୍ତି। ଏହା ଏକ ବିପଜ୍ଜନକ ଚିନ୍ତାଧାରା। ବିଜ୍ଞ ଆମେରିକାବାସୀ ଏହାକୁ ପ୍ରତିହତ କରିବେ ବୋଲି ଆଶା। ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ହେବା ପରେ ଆଶା କରାଯାଉଥିଲା ଯେ, ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଅବସାନ ଘଟିବ, ୟୁକ୍ରେନ-ଋଷିଆ ଯୁଦ୍ଧର ଅବସାନ ଘଟିବ। କିନ୍ତୁ ଏହି ଆଶା ନୈରାଶ୍ୟରେ ପରିଣତ ହୋଇଛି। ଯିଏ ନିଜେ ଅଶାନ୍ତିର ମୂଳ କାରଣ ସେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବ ବୋଲି ଆଶା କରିବା ନିରର୍ଥକ। ଏବେ ଭାରତ ସତର୍କ ରହିବା ଉଚିତ। ଟ୍ରମ୍ପ ଜଣେ ବିଶ୍ୱାସଯୋଗ୍ୟ ବ୍ୟକ୍ତି ନୁହଁନ୍ତି। ତାଙ୍କ ସହ ବନ୍ଧୁତାର କୌଣସି ମୂଲ୍ୟ ନାହିଁ। ତାଙ୍କ ସହ ଶତ୍ରୁତା ବା ମିତ୍ରତା ଉଭୟ ବିପଜ୍ଜନକ। ତାଙ୍କଠାରୁ ନିରାପଦ ଦୂରତ୍ୱ ବଜାୟ ରଖିବା ବୁଦ୍ଧିମାନର କାର୍ଯ୍ୟ ହେବ।

## ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

**॥ ଅଲେଖ ଚନ୍ଦ୍ର ସାମଲ ॥**


*“ ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି ।*


ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ । ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ । ୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି । ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ । ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ । ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି । ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି । ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ । ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଲ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ ।

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ାକଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ ରହିଛି । ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ। ଆମ୍ଭେମାନେ ପ୍ରକୃତି ପ୍ରଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ। କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି। ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ। ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା।


ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩


## ଏକ ଐଶୀକଳା ସଂପନ୍ନ ବରପୁତ୍ର

**॥ ଫଜଲ ହକ ଖାନ୍ ॥**

କାଳରେ ଧର୍ମର ଗ୍ଳାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତ୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତ୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

“ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତ୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।’’

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରିଥିଲେ ଯେ,‘ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୂକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧ୍ୟାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।


ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭


## ଆମେ ଓ ଆମ ପରିବେଶର ପଶୁପକ୍ଷୀ

**॥ ବିପିନ ବିହାରୀ ମହାନ୍ତି ॥**

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା’ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା’ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ’ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ’ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ’ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା’ ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀରେ ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଠପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।


**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର,ଜଟଣୀ**

## ମହିଳାଙ୍କ ସୁରକ୍ଷା ପାଇଁ ଫିରିଙ୍ଗିଆରେ ବ୍ଲକ କଂଗ୍ରେସର ମଶାଲ ଶୋଭାଯାତ୍ରା

ଫିରିଙ୍ଗିଆ:(ମହାଭାରତ): ସରା ରାଜ୍ୟରେ ମଙ୍ଗଳବାର ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ଙ୍କ ଆହ୍ୱାନ କ୍ରମେ ସମସ୍ତ ଜିଲ୍ଲା ମୁଖ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ମୁଖ୍ୟାଳୟ ଯାଏ ସବୁଠି ଶାନ୍ତିପୂର୍ଣ ଭାବରେ ମଶାଲ ଶୋଭାଯାତ୍ରା କରୁଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ କଂଗ୍ରେସ ତରଫରୁ ମଧ୍ୟ ଏହି ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ତେବେ ରାଜ୍ୟରେ ମହିଳା ଙ୍କ ସୁରକ୍ଷା ଦିଗରେ ରାଜ୍ୟ ସରକାରଙ୍କ ବିଫଳତା କୁ ଦର୍ଶାଇ ଓ ରାଜ୍ୟରେ ମହିଳା ଙ୍କ ସୁରକ୍ଷା, ଜାଳେଣି ଗ୍ୟାସ ରେ ଅହେତୁକ ଦରବୃଦ୍ଧି ପ୍ରତିବାଦ ରେ ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ର କନ୍ଧମାଳ ଜିଲ୍ଲା ସଭାପତି ଘନ କୁମାର ଶବର ଙ୍କ ନେତୃତ୍ୱ ରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଏହି ଶୋଭାଯାତ୍ରା ରେ ଫିରିଙ୍ଗିଆ ଅଂଚଳର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ସଭାପତି ଅନାମ ନାଏକ ଙ୍କ ସହ ଅଂଚଳର ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ । ତେବେ ଏହି ମଶାଲ ଶୋଭାଯାତ୍ରା ଟି ସ୍ଥାନୀୟ ପୀତବାଳି ମନ୍ଦିର ରୁ ବାହାରି ସହରର ମୁଖ୍ୟ ରାସ୍ତା ହୋଇ ବ୍ଲକ ଛକ ନିକଟରେ ପହଞ୍ଚିଥିଲା । ବ୍ଲକ ଛକରେ କଂଗ୍ରେସ କର୍ମୀ ମନେ ତାଜ୍ୟ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେବା ସହ ଭିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ମାଛମାନଙ୍କ ପ୍ରଜନନ ପାଇଁ ଲାଗିଲା କଟକଣା: ଚିନ୍ତାରେ ମତ୍ସ୍ୟଜିବୀ ପରିବାର



ଅସ୍ତରଙ୍ଗ, (ମହାଭାରତ) -ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅଞ୍ଚଳ ଅସ୍ତରଙ୍ଗ ଠାରୁ ବ୍ରହ୍ମଗିରି ପର୍ଯ୍ୟନ୍ତ ସମୁଦ୍ରରୁ ମାଛ ମାରିବା ଉପରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଏପ୍ରିଲ ୧୫ତାରିଖ ରୁ ଜୁନ ମାସ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି। ଅସ୍ତରଙ୍ଗ ନିକଟସ୍ଥ ନୁଆଗଡ ଜେଟି ଠାରୁ ଦେବୀ ନଦୀ-କେଲୁଣୀ ମୁହାଣ ପର୍ଯ୍ୟନ୍ତ ମତ୍ସ୍ୟ ବିଭାଗ ଦ୍ୱାରା ମତ୍ସ୍ୟଜୀବୀ ମାନଙ୍କୁ ମାଛ ମାନଙ୍କ ପ୍ରଜନନ ଋତୁରେ ୬୧ଦିନ ପାଇଁ ସମୁଦ୍ରକୁ ନ ଯିବା ପାଇଁ ବାରଣ କରାଯାଇଛି ଫଳରେ ଶହ ଶହ ମତ୍ସ୍ୟଜୀବୀ ଜୀବିକା ହରାଇ ହାତ ବାନ୍ଧି ବସିଛନ୍ତି । ମାଛ ମାନଙ୍କ ବଂଶ ବୃଦ୍ଧି ପାଇଁ ସରକାରଙ୍କ ଦ୍ୱାରା ଲଗାଯାଇଥିବା କଟକଣା ମତ୍ସ୍ୟଜୀବୀ ମାନଙ୍କ ପରିବାର ପ୍ରତିପୋଷଣ ଉପରେ ପ୍ରଭାବ ପଡିଥିବା ଦେଖାଦେଇଛି। ଦେବୀ ନଦୀ ମୁହାଣ, କେଲୁଣୀ ମୁହାଣ, ଗଙ୍ଗା ଦେବୀ ଏବଂ ନୁଆଗଡ ଜେଟି ଆଦି ଅଞ୍ଚଳ ରେ ମତ୍ସ୍ୟଜୀବୀ ମାନଙ୍କୁ ଟ୍ରଲର, ଯନ୍ତ୍ରଚାଳିତ ଡଙ୍ଗା ସମୁଦ୍ର ଭିତରୁ ପ୍ରବେଶ ନକରିବା ପାଇଁ ବାରଣ କରାଯାଇଛି। ସେହିପରି କଇଁଛ ମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ୧ ରୁ ମେ ୩୧ ପର୍ଯ୍ୟନ୍ତ ମଧ୍ୟ ମତ୍ସ୍ୟଜୀବୀ ମାନଙ୍କ ଉପରେ କଟକଣା ରହିଅଛି। ରାଜ୍ୟ ସରକାର ସାମୁଦ୍ରିକ ଅଲିଭ୍ ରିଡ୍ଲେ ଓ ମାଛ ମାନଙ୍କ ବଂଶ ବୃଦ୍ଧିକୁ ବିଭିନ୍ନ ସମୟରେ କଟକଣା ଜାରୀ କରୁଥିବା ବେଳେ ଅନ୍ୟ ପକ୍ଷରେ ଯେଉଁ ମାନେ ନିଜ ପରିବାର ଚଳାଇବା ପାଇଁ ସମୁଦ୍ର ମାଛ ଉପରେ ର୍ନିଭର କରିଥାନ୍ତି, ସେମାନେ ଏବେ କଟକଣା ପାଇଁ ହାତବାନ୍ଧି ବସି ରହିବାରୁ ଶତାଧିକ ମତ୍ସ୍ୟଜୀବୀ ପରିବାର କିପରି ଚଳିବେ ଅତ୍ୟନ୍ତ କ୍ଷୋଭର ଶହ ପ୍ରକାଶ କରିଛନ୍ତି। ଗୋଟେ ପରେ ଗୋଟେ ସମୁଦ୍ର କଟକଣା ମତ୍ସ୍ୟଜୀବୀଙ୍କ ସହିତ ଟ୍ରଲର ମାଲିକ ମାନଙ୍କୁ ବି ଚିନ୍ତାରେ ପକାଉଛି। ଅଲିଭ ରିଡଲେ କଇଁଛ ଙ୍କ ପାଇଁ ଲାଗିଥିବା କଟକଣା ସମୟରେ ସମୁଦ୍ର ଭିତରକୁ ବାହାରୁ ଅବାଧ ରେ ପ୍ରବେଶ କରୁଥିଲା ଟ୍ରଲର, ଯନ୍ତ୍ର ଚାଳିତ ଡଙ୍ଗା ଏବେ ଦେଖିବାକୁ ବାକି ରହିଲା ଏହା ଉପରେ କେତେ ଦୁର ଅଙ୍କୁଶ ଲାଗି ପାରୁଛି ।

## ଲାଦୁରା ପୂର୍ତ୍ତି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଗୃହ ପାଇବାରୁ ବଞ୍ଚିତ

କପ୍ତିପଦା -(ମହାଭାରତ ):କପ୍ତିପଦା -କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତ ଅଧୀନସ୍ଥ ପାତ୍ରସାହି ଗ୍ରାମ ବାସିନ୍ଦା ଶ୍ରୀ ଲାଦୁରା ପୂର୍ତ୍ତି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଘର ପାଇବାରୁ ବଞ୍ଚିତ ହୋଇ ଭଙ୍ଗା ଘରେ ଜୀବନ କାଟୁଛନ୍ତି। ଦାରିଦ୍ରତ୍ୟ ଯୋଗୁଁ ଏହି ଦମ୍ପତି ଶାଳପତ୍ର ସିଲାଇ କରି ପେଟ ପୋଷୁଛନ୍ତି। ଦେଶର ସମସ୍ତ ଗରୀବ ଏବଂ ବାସହୀନ ପରିବାରମାନଙ୍କୁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ମାଗଣାରେ ଘର ଯୋଗାଇବା ନିମନ୍ତେ ଡିଣ୍ଡିମ ପିଟୁଥିବା ବେଳେ ଏହା ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ରାଣୀପୋଖରୀ ପଞ୍ଚାୟତରେ ଦିଗହରା ହୋଇଛି। ତେବେ ଏଥିପ୍ରତି କପ୍ତିପଦା ବ୍ଲକ ପ୍ରଶାସନ ଏହି ଅସହାୟ ବାସହୀନ ପରିବାର ନିକଟକୁ ପହଞ୍ଚି ଉପଯୁକ୍ତ ସର୍ଭେ କରି ବାସହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ କରି ତାଙ୍କୁ ଘର ଯୋଗାଇବା ସହିତ ତାଙ୍କ ମୁହଁରେ ହସ ଫୁଟାଇବା ପାଇଁ ଜନ ମାନସରେ ଦାବି ହେଉଛି।

## ୬୧ ଜଣ ଭକ୍ତ ପିଠିରେ କଣ୍ଟା ଫୋଡି ହୋଇ ଉଡିଲେ

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଠାରେ ଥିବା ମା'ବାସୁଳୀ ଙ୍କ ପୀଠରେ ପଣା ସଂକ୍ରାନ୍ତି ଅବସରରେ ଉଡାପର୍ ଅନୁଷ୍ଠିତ ହୋଇଯାଇଛ। ଏହା ଓଡିଶା ପ୍ରସିଦ୍ଧ ଉଡାପର୍ । ଚଳିତ ବର୍ଷ ୬୧ ଜଣ ଭକ୍ତା ଅଂଶ ଗ୍ରହଣ କରି ପିଠିରେ କଣ୍ଟା ଫୋଡାଇ ଉଡାଖୁଣ୍ଟ ଦଣ୍ଡାରେ ଝୁଲି ଝୁଲି ଉଡ଼ିଥିଲେ । ଏହି ଉଡାପର୍ ଦେଖିବାକୁ ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲା ତଥା ପଡୋଶୀ ରାଜ୍ୟ ରୁ ୫୦ ହଜାର ରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ବେଳେ ବିଭିନ୍ନ ସମୟରେ କଣ୍ଟାଫୁଡା ଦେହୁରୀ ଓ ଭକ୍ତା ଙ୍କ ମଧ୍ୟରେ ବୁଝାମଣା ଅଭାବ ଯୋଗୁ ସକାଳ ୭.୩୦ ପର୍ଯ୍ୟନ୍ତ ଚାଲିଲା ଉଡା ।ପ୍ରତି ବର୍ଷ ପରି ଚଳିତ ବର୍ଷ ଉଡା ପର୍ବ ନିମନ୍ତେ ପଣା ସଂକ୍ରାନ୍ତିର ୧୧ ଦିନ ପୂର୍ବରୁ ମାନସିକ ପୂରଣ ହୋଇଥିବା ଲୋକ ମାନଙ୍କ ଦ୍ୱାରା ମାଙ୍କ ପୀଠରେ ଭକ୍ତା ଦେଇଥାନ୍ତି। ମା ବାସୁଳୀ ଙ୍କ ପ୍ରିୟ ଭୋଗ 'ଭକ୍ତା'। ଭକ୍ତା ମାନେ ୧୧ ଦିନ ଧରି ବିଧିବିଧାନ ପାଳନ କରି ମନ୍ଦିର ରେ ରହି ବିଭିନ୍ନ ସ୍ଥାନ ରୁ ମନ୍ଦିର କୁ ଘଟ ଆଣିବା ସହିତ ମା ଙ୍କ ପୋଟି ଓ ଘଟ ଧରି ବିଭିନ୍ନ ଗ୍ରାମ ପରିକ୍ରମା କଲାବେଳେ, ସେମାନେ ଘର କୁ ଘର ଯାଇ ଭୋଗ ଓ ପଣା ଖାଇଥିଲେ। ଏହା ପରେ ପଣା ସଂକ୍ରାନ୍ତି ର ପୂର୍ବ ଦିନ ସନ୍ଧ୍ୟା ରେ ଜାଗର ଯାତ୍ରା ବା ଗାଧୋଇ କୀ ମନ୍ଦିର ପ୍ରାଙ୍ଗଣରେ ଦୀପ ଜାଳି ଥାଆନ୍ତି, ଏବଂ ଦେହୁରୀ ଘରେ ସାଇତା ହୋଇ ରଖା ଯାଇଥିବା କଣ୍ଟା ପେଡି କୁ ପୂଜାର୍ଚ୍ଚନା କରି କଣ୍ଟା ପେଡି କୁ ମନ୍ଦିର ଭିତରକୁ ଦେହୁରୀଙ୍କ ଦ୍ୱାରା ଅଣାଯାଇଥିଲା। କଣ୍ଟା ପେଡି ମନ୍ଦିର କୁ ଆସିବା ପରେ ରାତିରେ ମନ୍ଦିର ରେ ଜାଗର ଯାତ୍ରା ଶେଷ ହୋଇଥିଲା। ଏଥିରେ ଶହ ଶହ ମହିଳା ଭକ୍ତ ବା ଶ୍ରଦ୍ଧାଳୁ ମନ୍ଦିର ସମ୍ମୁଖ ପଡିଆରେ ଦୀପ ଜାଳି ପୂଜା କରି ଥିଲେ। ପଣା ସଂକ୍ରାନ୍ତି ଦିନ ସକାଳୁ ସକାଳୁ ମା'ଙ୍କ ସେବାୟତ ମାନେ ମା'ଙ୍କ ନିକଟରୁ ଆଜ୍ଞା ମାଳ ନେଇ ଜଙ୍ଗଲ ରୁ ଖୁ□ ଓ ଶାଳ ଗଛର ଦଣ୍ଡା ମନ୍ଦିର ସମ୍ମୁଖ ପଡିଆ କୁ ଅଣାଯିବା ସମୟରେ ସେବାୟତ ମାନେ ବାଇଁ ବାଇଁ କେଲେଇ କେଲେଇ କେଲେଇ କହିଥାନ୍ତି । ପରେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ବା ପରେ ପ୍ରସ୍ତୁତ କରାଯାଇ ଖୁଣ୍ଟ ଓ ଦଣ୍ଡା କୁ ଯୋଡ଼ା ଯାଇ ପଡିଆରେ ଖୁଣ୍ଟ ପୋତା ଯାଇଥିଲା। ଉଡା ଖୁଣ୍ଟ□ ପୋତା ଯିବା ପରେ ଭକ୍ତା ମାନେ କଣ୍ଟା ଫୋଡଇ ବାକୁ କଣ୍ଟୋ ଫୋଡା ଶାଳ କୁ ଯାଇଥିଲେ ।ସେଠାରେ ବିଧି ଅନୁଯାଇ ଦେହୁରୀ ପୂଜା କରିବା ପରେ ଜଣେ ପରେ ଜଣେ ଭକ୍ତା ଙ୍କ ପିଠିରେ ଦୌଡ଼ି ଲାଗିଥିବା ଅଙ୍କୁଶା କୃତି ଦୁଇଟି କଣ୍ଟାକୁ କଣ୍ଟା ଫୋଡା ଦେହୁରୀ ଭକ୍ତା ଙ୍କ ପିଠିରେ ଫୋଡାଇ ଥିଲେ।

## ଲାଞ୍ଜିଗଡ଼ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

କଳାହାଣ୍ଡି/ମହାଭାରତ : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୭ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୧ ଗୋଟି ଓ ସାମୂହିକ ୧୪ ଗୋଟି ରହିଥିବା ବେଳେ ୮ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।ମୂଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ୨ ଜଣଙ୍କୁ ଆର୍ଥିକ ସହାୟତା ଏବଂ ଜଣଙ୍କୁ ହୁଇଲ୍ ଚେୟାର, ହରିଶ୍ଚନ୍ଦ୍ର ସହାୟତା ଯୋଜନା ରେ ଶକୁନ୍ତଳା ଗଉଡ,ସବିତା ଗଉଡ,ମାଡି ବନ୍ଧ ଓ କିଡିଙ୍ଗ ଗ୍ରାମର ଅଞ୍ଜନା ଶବର ଙ୍କୁ ପ୍ରତ୍ୟେକ ଙ୍କୁ ତିନି ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଜିଲ୍ଲାପାଳଙ୍କ ଦ୍‌ାର ପ୍ରଦାନ କରାଯାଇଥିଲା।

## ପରଜଙ୍ଗ ରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ




ପରଜଙ୍ଗ(ମହାଭାରତ )ପରଜଙ୍ଗ ବ୍ଲକ ପଂଚାୟତ ସମିତି କାର୍ଯ୍ୟାଳୟ ଆନୁକୂଲ୍ୟ ରେ ମିଳିତ ଜନଶୁଣାଣୀ ଶିବିର ସକାଳ ୭ଟା ରୁ ଆରମ୍ଭ ହୋଇ ୧୦ଟା ପର୍ଯ୍ୟନ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମିଳିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନାକର , ଉପ ଜିଲ୍ଲାପାଳ ନୀଳମଣି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଞ୍ଜନ ସେଠୀ ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବ୍ଲକ୍ ଉଉୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା ଉପସ୍ଥିତିରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଅଛି। ଏହି ଶିବିରରେ ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି, ଦିବ୍ୟାଙ୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଚାହୁଁଥିବା ବ୍ୟକ୍ତି ବିଶେଷ ଙ୍କୁ ଅଗ୍ରାଧିକାର ପ୍ରଦାନ କରଯାଇଥିଲା। ସମୁଦାୟ ୧୨୨ଜଣ ଅଭିଯୋଗକାରୀ ଙ୍କ ମଧ୍ୟରୁ ୨୭ଜଣ ଅଭିଯୋଗକାରୀ ଅନ ଲାଇନ ମାଧ୍ୟମରେ ଅଭିଯୋଗ କରିଥିଲେ। ଡାକ୍ତରଖାନା ପକ୍ଷରୁ ଦୁଇ ଜଣଙ୍କୁ ୨୦, ୦୦୦ଟଙ୍କା ଲେଖାଏଁ ରାଜ୍ୟ ପାଣ୍ଠି ରୁ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ଜନିତ ୬୧ ଜଣ ବ୍ୟକ୍ତିଗତ ଜନିତ ୫୫ ଜଣ ଗ୍ରାମ୍ୟ, ରେଡକ୍ରସ ରେ ଜଣେ ଏବଂଶିବିରରେ ୫ଜଣ ଙ୍କର ଅଭିଯୋଗ କରିଥିଲେ।

## ଖୋର୍ଦ୍ଧା ଷଷ୍ଠ ଜିଲ୍ଲା ପରିଷଦର ଚତୁର୍ଥ ସାଧାରଣ ବୈଠକ



ଖୋର୍ଦ୍ଧା, (ମହାଭାରତ) ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଷଷ୍ଠ ଜିଲ୍ଲା ପରିଷଦ, ଖୋର୍ଦ୍ଧାର ଚତୁର୍ଥ ସାଧାରଣ ବୈଠକ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି କ୍ଷ ଏହି ବୈଠକରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ଜୟଦେବ ବିଧାୟକ ଶ୍ରୀଯୁକ୍ତ ନବ କିଶୋର ମଲ୍ଲିକ, ଜଟଣୀ ବିଧାୟକ ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ବେଗୁନିଆ-ବୋଲଗଡ଼ ବିଧାୟକ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁଙ୍କ ସହିତ ଭୁବନେଶ୍ୱର ସାଂସଦଙ୍କ ପ୍ରତିନିଧି ଶ୍ରୀ ଅଶୋକ ପଟ୍ଟନାୟକ ଏ୍ଂ ମାନ୍ୟବର ସାଂସଦ ପୁରୀଙ୍କ ପ୍ରତିନିଧିଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ପରିଷଦର ଉପ-ସଭପତି ଗୋପୀନାଥ ମହାରଣାଙ୍କ ବ୍ୟତୀତ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଖୋର୍ଦ୍ଧା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀ ଚଞ୍ଚଳ ରାଣା ଏ୍ଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁଙ୍କ ସହିତ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ ମାନେ ଯୋଗଦେଇଥିବା ବେଳେ ଗତବର୍ଷ ଅନୁଷ୍ଠିତ ହୋଇଥିବା ଖୋର୍ଦ୍ଧା ଜିଲ୍ଲା ପରିଷଦର ତୃତୀୟ ସାଧାରଣ ବୈଠକ ବିବରଣୀକୁ ଆଲୋଚନା କରାଯାଇ ଦୃଢ଼ୀକରଣ କରାଯାଇଥିଲା କ୍ଷ ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ନିଜ ଉଦବୋଧନରେ କହିଥିଲେ ଯେ, ଜାତି,ଧର୍ମ,ବର୍ଣ୍ଣ, ଲିଙ୍ଗ, ଭାଷା,ଦଳ, ନିର୍ବିଶେଷରେ ପ୍ରଶାସନ ଓ ଜନ ପ୍ରତିନିଧି ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ନିଷ୍ଠାପର ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସୁଚାରୁରୂପେ ପରିଚାଳନା କରିଲେ ଖୋର୍ଦ୍ଧା ଜିଲ୍ଲା ସମଗ୍ର ରାଜ୍ୟରେ ଦୃଷ୍ଟାନ୍ତ ହେବ ବୋଲି କହିଥିଲେ କ୍ଷ ସେହିପରି ଜିଲ୍ଲାପାଳ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦାୟିତ୍ୱ କାଳରେ ହୋଇଥିବା କାର୍ଯ୍ୟକୁ ପ୍ରଶଂସା କରିବା ସହ ରିଂ ରୋଡ ନିର୍ମାଣ, ଖୋର୍ଦ୍ଧାର ଶିଳ୍ପ ବିକାଶ ୫୧ଗୋଟି ଉଦ୍ୟୋଗରେ ୬୦ ହଜାର ନିଯୁକ୍ତି ,ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଦଳ ମତ ନିର୍ବିଶେଷରେ ଆମ ଖୋର୍ଦ୍ଧା ଜିଲ୍ଲାର ବିକାଶ ପାଇଁ ଏବଂ ଜିଲ୍ଲାକୁ ୧ନମ୍ବର ଜିଲ୍ଲା ଭାବେଗଢି ତୋଳିବା ପାଇଁ କାର୍ଯ୍ୟ କରିବା ବୋଲି କହିଥିଲେ।

## ପଶ୍ଚିମବଙ୍ଗ ରେ ଦଙ୍ଗା କୁ ନେଇ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

ଯୋଡା,(ମହାଭାରତ) ପଶ୍ଚିମବଙ୍ଗ ଅଞ୍ଚଳ ର ଅପରାଧୀ ଙ୍କୁ ଠାବ କରିବା ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି ।ଯୋଡା ନଗର ଭାଜପା ସଭାପତି ପାର୍ଥସାରଥୀ ଷଡ଼ଙ୍ଗୀ ,ପୂର୍ବତନ ସଭାପତି ସୁଶାନ୍ତ କୁମାର ବେବର୍ତ୍ତା ,ଭାଜପା ର ଅନନ୍ତ ଟୁଡୁ,ପ୍ରମୁଖ ଖବର ଦୟତ। ମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ପଶ୍ଚିମ ବଙ୍ଗ ର ଚବିଶପ୍ରଗଣା ।,ମେଦିନୀ ପୁର, ମୁର୍ଶିଦାବାଦ , ମୟଲଦୟ ପ୍ରଭୃତି ଅଞ୍ଚଳ ରୁ ଆସି ଫେରି ବୟଲା ଓ ର୍ନିମାଣ ଶ୍ରମିକ ଭାବେ ଯୋଡା ସହର ରେ ରହି କାମ କରନ୍ତି ।ଶ୍ରମିକ ଭାବେ ଆସୁଥିବା କିଛି ଲୋକା ଅପରୟଧି କିସମ ର ହୋଇ ଥାଆନ୍ତି ।ସେମାନେ ଏଠାକୁ ଆସି କାମ କରିବା ଆଳରେ ଆତ୍ମ ଗୋପନ କରି ଥାଆନ୍ତି ।ଗତ ତିନି ଦିନ ଧରି ପଶ୍ଚିମବଙ୍ଗ ର ଏହି ଅ□ଳ ଗୁଡିକରେ ହିଂସାତ୍ମକ ଦଙ୍ଗା ଘଟିଥିଲା ।ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି ଯେ,ଏହି ସବୁ ଅଞ୍ଚଳରେ ଦଙ୍ଗା ଏବଂ ବିଘଟନ ଭିଆଇ କିଛି ସଂଖ୍ୟା ଲଘୁ ସମ୍ପ୍ରଦାୟ ର ଲୋକ ଯୋଡା ,ବାମେବୟରି, ବିଲେଇପଦୟ,ବଡ଼ବିଲ ଅଞ୍ଚଳ କୁ ଚାଲି ଆସିଛନ୍ତି ।

## ମହିଳାଙ୍କୁ ନ୍ୟାୟ ପାଇଁ ବ୍ଲକ ସାମ୍ନାରେ ଏକାଠି ମହିଳା କର୍ମୀ

ହାଟଡିହ(ମହାଭାରତ): ହାଟଡିହି ରାଜ୍ୟ ରେ ଭାରତୀୟ ଜନତା ପାର୍ଟିର ସରକାର ଆସିବା ପରେ ମହିଳା ଅସୁରକ୍ଷିତ। ମାତ୍ର ଦଶ ମାସ ରେ ସରକାର ରେ୫୦୦୦ ହଜାର ରୁ ଅଧିକ ମହିଳା ଧର୍ଷଣ କୁ ନେଇ ହାଟଡିହି ବ୍ଲକ ସାମ୍ନା ରେ କଂଗ୍ରେସ ଦଳର ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ତାଙ୍କ ଝିଅ ଡକ୍ଟର ସସ୍ମିତା ଜେନା ମଧ୍ଯ ଉପସ୍ଥିତ ମହିଳା ମାନଙ୍କୁ ରାଜ୍ୟ ସରକାର ବିରୋଧ ରେ ବୁଝାଇ ବା ସହ ରାଜ୍ୟ ରେ ମହିଳା କିପରି ନ୍ୟାୟ ପାଉଛନ୍ତି ତାହା ବୁଝାଇ ଥିଲେ। ଏଥିରେ କଂଗ୍ରେସ ଯୁବ ସଂଗଠକ ଚି□ରଞ୍ଜନ ପାତ୍ର, ଙ୍କ ସଂଯୋଜନା ରେ ହାଟଡିହି ବ୍ଲକ ସମ୍ମୁଖ ରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ବେଳେ ବିଭନ୍ନ ସ୍ଥାନରୁ ମହିଳା ମାନେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମାନସ ରଞ୍ଜନ ଜେନା, ପ୍ରବୀଣ କୁମାର ଜେନା, ସୁଶାନ୍ତ କୁମାର ଜେନା, ଦେବାଶିଷ ନାୟକ, ଅଜୟ ମହାପାତ୍ର, କବିତା ଜେନା, ରବୀନ୍ଦ୍ର କୁମାର ଜେନା ଙ୍କ ପରି ଶତାଧିକ ମହିଳା ମାନେ ଏକାଠି ହୋଇଥିଲେ ।ମାନସିକ ଧାରୀ ମାନେ ଜିଭ ଓ ଅଣ୍ଟା ରେ ଲୁହା କଣ୍ଟା ମାରି ବୁଲିଲେ ।ଏହଭି ଦୃଶ୍ୟ ଦେଖିବାକୁ ମିଳେ ମହା ବିଷୁବ ପଣା ସଂକ୍ରାନ୍ତି ହାଟଡିହି ଅଞ୍ଚଳ ରେ। ଯାହାକି ମାନସିକ ଧାରୀ ମାନେ ମା ମଙ୍ଗଳା ଙ୍କୁ ଧ୍ୟାନ କରି ପନ୍ଦର ଦିନ ପୂର୍ବରୁ ରହି ଥାଆନ୍ତିୟ ପଣା ସଂକ୍ରାନ୍ତି ଦିନ ସକାଳୁ ପାଟୁଆ ମାନେ ଜିଭ, ଓ ଅଣ୍ଟା ରେ ଲୁହା କଣ୍ଟା ମାରି ବିଭିନ୍ନ ସ୍ଥାନରେ ଭ୍ରମଣ କରି ଥାଆନ୍ତିୟ ଏହି ଭଳି ଏବର୍ଷ ମଧ୍ୟ ହାଟଡିହି ରେ ଜିଭ ରେ ୨୮ ଜଣ ଲୁହାକଣ୍ଟା ମାରି ଥିବା ବେଳେ, ଅଣ୍ଟା ରେ ୨୫ ମାନସିକ ଧାରୀ କଣ୍ଟା ମାରି ଥିଲେ। ଏହାକୁ ଦେଖିବା ପାଇଁ ଲୋକ ଙ୍କ ଭିତରେ ପ୍ରବଳ ଗହଳି ଦେଖିବାକୁ ମିଳେ। ଯାହାକୁ ନେଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥାଏ।

## ଅଢେଇ ବର୍ଷ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ

### ଏଭଳି ପ୍ରତିଭାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚା ପାଲଟିଛି



ନୟାଗଡ଼, ( ମହାଭାରତ ) : ମାତ୍ର ଅଢେଇ ବର୍ଷ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ କରି ଚର୍ଚ୍ଚାରେ ନୟାଗଡ଼ର ଶିଶୁ କନ୍ୟା ରୁ-ଭିକା ପାଲ୍। ଏହି ବିସ୍ମୟ ଶିଶୁ କନ୍ୟା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ରେ ସ୍ଥାନ ହାସଲ କରି ଏବେ ଚର୍ଚ୍ଚାରେୟ ବୟସ ମାତ୍ର ଅଢେଇ ବର୍ଷ ହେଲେ ସେ କୁଇଜରେ ପୁରା ମାଷ୍ଟର। ଦେଶ ବିଦେଶ ସହ ବିଭିନ୍ନ ରାଜ୍ୟର ରାଜଧାନୀ ଏବଂ ଶରୀରର ବିଭିନ୍ନ ଅଙ୍ଗ, ବିଭିନ୍ନ ପ୍ରକାର ରଙ୍ଗ ସହ ପଶୁପକ୍ଷୀ, ଫଳମୂଳ, ପନିପରିବା, ଶବ୍ଦ ସହିତ ବିଭିନ୍ନ ରାଜ୍ୟର ରାଜଧାନୀ ଫଟାଫଟ କହିବା ସହ ଇଂରାଜୀ ବର୍ଣ୍ଣମାଳା, ଓଡିଆ ଇଂରାଜୀ ରାଇମ୍ ଏବଂ କୁଇଜ ପ୍ରଶ୍ନର ଉତ୍ତର ଦେଇ ଇଣ୍ଡିଆ ବୁକ ଅଫ ରେକର୍ଡ ହାସଲ କରିଛନ୍ତି ସେୟ ପିଲାଟି ବେଳୁ ରୁ-ଭିକା ପାଲ୍ ଙ୍କ ଏଭଳି ପ୍ରତିଭା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚା ପାଲଟିଛି। ତାଙ୍କ ପ୍ରତିଭାକୁ ନେଇ ଏବେ ପଲ୍ଲୀ ରୁ ଦିଲ୍ଲୀ ସବୁଠି ଚର୍ଚ୍ଚା। କାରଣ ମାତ୍ର ଅଢେଇ ବର୍ଷ ବୟସରେ ସେ ଇଣ୍ଡିଆ ବୁକ ଅଫ ରେକର୍ଡ ହାସଲ କରିଛନ୍ତି। ନୟାଗଡ଼ ଓଡ଼ଗାଁ ବ୍ଲକ ଶିଖରପୁର ଗାଁର ପିଙ୍କୁ ପାଲ୍ ଙ୍କ ଶିଶୁ କନ୍ୟା ରୁ-ଭିକା ପାଲ୍। ବୟସ ସିନା କମ୍ ହେଲେ ବୁଦ୍ଧି ବିଚକ୍ଷଣ। ପିଲାଟି ବେଳୁ ରୁ-ଭିକା ପାଲ୍ ଙ୍କ ଏଭଳି ପ୍ରତିଭା ତାଙ୍କୁ ବିସ୍ମୟ ବାଳିକା ଭାବେ ପରିଚିତ କରାଯାଇଛି। ଖନେଇ ଖନେଇ କଥା କହୁଥିବା ଏହି କୁନି ପ୍ରତିଭା ଯେ ଅନେକ ପ୍ରତିଭାର ଅଧିକାରୀ ତାହାକୁ ପ୍ରମାଣ କରି ଦେଖାଇଛନ୍ତି। ତାଙ୍କ ମୁଖରେ ରହିଛି ଦେଶ ବିଦେଶ ର ନାମ, ବିଭିନ୍ନ ରାଜ୍ୟର ରାଜଧାନୀ, ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ, ବିଭିନ୍ନ ରାଜ୍ୟର ମନ୍ଦିର ମାଳିନୀ ସ୍ଥାନ, ଶରୀରର ୨୪ ଅଙ୍ଗ, ୧୬ ପ୍ରକାର ରଙ୍ଗର ନାମ, ୨୨ ପ୍ରକାର ଫଳ ନାମ କହିବା ସହ ୧୨ ପ୍ରକାର ପଶୁପକ୍ଷୀଙ୍କ ନାମ ଫଟାଫଟ କହିବା ସହ ୩୨ ପ୍ରକାର ପନିପରିବା ଚିହ୍ନଟ କରି ପାରୁଛନ୍ତି ସେୟ ଏହା ସହିତ ଇଂରାଜୀ ବର୍ଣ୍ଣମାଳା, ଇଂରାଜୀ ଏବଂ ଓଡିଆ ରାଇମ୍, ଇଂରାଜୀରେ ୧୨ ର ମାସର ନାମ, ଏହା ସହ ଫଟାଫଟ ଇଂରାଜୀରେ ୬୮ ଟି ଓଡିଆ ଶବ୍ଦର ଅର୍ଥ ମନେ ପକାଇବା ସହ ୨୦ କୁଇଜ ପ୍ରଶ୍ନର ଉ□ର ଦେଇ ଚର୍ଚ୍ଚା ରେ ଥିବା ରୁ-ଭିକା ପାଲ୍ୟ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପ୍ରତିଯୋଗିତାରେ ୨୦ ଟି ସ୍ମାରକୀ, ୨୫ ଟି ଜାତୀୟ ପ୍ରତୀକ, ୩୯ଟି ଇଂରାଜୀ ଓ୍ୱାର୍ଡ ର ଆଣ୍ଟୋନିମ୍, ଓଡିଶାର ୨୯ ଟି ଜିଲ୍ଲା, ୧୬ ଜଣ ସ୍ୱାଧୀନତା ସଂଗ୍ରାମୀ, ୮ ଟି ଦିଗ, ଶରୀରର ୨୬ ଅଙ୍ଗ, ୨୫ ଟି ପନିପରିବା, ୨୪ ଟି ଫଳ, ୨୦ ଟି ପକ୍ଷୀ, ୧୬ ଟି ଯାନ ବାହାନ, ୧୪ ବାଦ୍ୟ ଯନ୍ତ୍ର ର ନାମ, ୧୨ ଟି କୀଟ ପତଙ୍ଗ ନାମ, ୪୩ ଟି ହିନ୍ଦୀ ଅକ୍ଷର ଥିବା ଫଟୋ ଚିତ୍ର ର ନାମ, ୩୦ ଟି ଗୃହ ପାଳିତ ଓ ହିଂସ୍ର ପ୍ରାଣୀ ଙ୍କ ର ନାମ ଓ ଭାରତ ର ୨୮ ଟି ରାଜ୍ୟ ଓ ରାଜଧାନୀ ର ନାମକୁ ର୍ନିଦ୍ଧାରିତ ସମୟରେ ମଧ୍ୟରେ କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ମାତ୍ର ଅଢେଇ ବର୍ଷରେ ରୁ-ଭିକା ପାଲ୍ ଚଳିତ ବର୍ଷ ହାସଲ କରିଛନ୍ତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ। ଏଥିପାଇଁ ତାଙ୍କୁ ମିଳିଛି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ମେଡାଲ। ପିଲାଟି ବେଳୁ ଝିଅର ଏଭଳି ପ୍ରତିଭା ଦେଖି ବାପା, ମାଆ ଏବଂ ପରିବାର ବର୍ଗ ବେଶ ଖୁସି ପ୍ରକାଶ କରିଛନ୍ତି। ପିଲାଟି ବେଳୁ ରି-ଭିକା ପାଲ୍ ଙ୍କ ଏଭଳି ପ୍ରତିଭା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ପାଲଟିଥିବା ବେଳେ ନିଜର ବୟସ ଅନୁସାରେ ଜ୍ଞାନର ପରିସୀମା ବୃଦ୍ଧିକରି ରୁ-ଭିକା ପାଲ୍ ଚଳିତ ବର୍ଷ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ସ୍ଥାନ ପାଇଛନ୍ତି। ରୁ-ଭିକା ପାଲ୍ ଶିଖରପୁର ଗାଁର ପିଙ୍କୁ ପାଲ୍ ଓ ମାନସୀ ସାମଲଙ୍କ ଅଢେଇ ବର୍ଷ ର ଶିଶୁ କନ୍ୟା ଅଟନ୍ତି। ସେ ଅନ୍ଲାଇନ୍ ମାଧ୍ୟମରେ ୨୦ଟି ବିଷୟର ବିଭିନ୍ନ ପ୍ରଶ୍ନର ସଠିକ୍ ଉତ୍ତର ପ୍ରଦାନକରି ଏହି ବୟସରେ ଏତେ ବଡ଼ ଉଚ୍ଚ ପଦବୀ ହାସଲ କରି 'ଇଣ୍ଡିଆ ବୁକ୍ ଅଫ୍ ଦି ରେକର୍ଡସ୍ ରେ ନିଜକୁ ସାମିଲ କରିବାରେ ସକ୍ଷମ ହୋଇପାରିଛନ୍ତି। ସେଥିପାଇଁ ବିଭିନ୍ନ ଆଡୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଯେଉଁ ବୟସରେ କଥା ଠିକ୍ ଭାବରେ କଥା କହି ପାରୁନାହାଁନ୍ତି ସେ ଖେଳକୁଦ କରି ସମୟ କଟାଇବା କଥା। ସେହି ବୟସରେ ତାଙ୍କ କୁନି ଓଠରେ ଖନେଇ ଖନେଇ ଏତେ ବିଚକ୍ଷଣ ପ୍ରଶ୍ନ ର ଉତ୍ତର ଦେବା ଚକିତ କଲା ଭଳି ପ୍ରତିଭା ତାଙ୍କ ପାଖରେ ଦେଖିବା ପାଇଁ ମିଳିଛି। ମାତ୍ର ଅଢେଇ ବର୍ଷ ବୟସରେ ରୁ-ଭିକା ପାଲ୍ ଙ୍କ ମୁଖରେ ମଧ ବେଦପାଠ, ଶ୍ଲୋକ, ଦେଶ ବିଦେଶ ର ରାଷ୍ଟ୍ରପତି ଙ୍କ ନାମ ସହ ଦେଶର ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ବଡ଼ ଠାକୁର ଜଗନ୍ନାଥଙ୍କ ଠାରୁ ଆରମ୍ଭ କରି ବଡ଼ ନଦୀର ନାମ, ଇଂରାଜୀରେ ଓଡ଼ିଆରେ କହିବା ସହ ୨୦ଟି କୁଇଜର ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଫଟାପଟ ଉ□ର ଦେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ କରିଛନ୍ତି ବିସ୍ମୟ ବାଳିକା ରୁ-ଭିକା ପାଲ୍। ତାଙ୍କର ଏଭଳି ସଫଳତା ପାଇଁ ଏବେ ସବୁଠୁ ଛୁଟୁଛି ତାଙ୍କ ପରିବାରକୁ ପ୍ରସଂଶାର ସୁଅ। ମାତ୍ର ଅଢେଇ ବର୍ଷ ବୟସରେ ଏଭଳି ଜ୍ଞାନ ଅର୍ଜନ କରିବା ରି-ଭିକା ପାଲ୍ ଙ୍କ ପ୍ରତିଭଙ୍କୁ ନେଇ ପରିବାର ଲୋକେ ଯେତିକି ଗର୍ବିତ, ତାହା ଠାରୁ ଅଧିକ ଉତ୍ସାହିତ ସ୍ଥାନୀୟ ବାସିନ୍ଦା। ୨୦୨୫ ମସିହାରେ କୁଇଜ ପ୍ରତିଯୋଗିତାରେ ରୁ-ଭିକା ପାଲ୍ ଇଣ୍ଡିଆ ବୁକ ଅଫ ରେକର୍ଡ ହାସଲ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ ଉତ୍ସାହ ଦେଖିବା ପାଇଁ ମିଳିଛି।

# ୱକଫ ଆଇନ ଉପରେ ଆଜିର ଶୁଣାଣି ଶେଷ

ନୂଆଦିଲ୍ଲୀ ୧୬।୪: ସୁପ୍ରିମକୋର୍ଟ ୱକଫ ଆଇନକୁ ନେଇ ରୁଜୁ ଆବେଦନ ଉପରେ ବୁଧବାର ଶୁଣାଣି କରିଛନ୍ତି। ପ୍ରଧାନ ନ୍ୟାୟାଧୀଶ (ସିଜେଆଇ) ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଓ ଜଷ୍ଟିସ୍ କେ.ଭି.ବିଶ୍ୱନାଥନଙ୍କ ୩ ସଦସ୍ୟୀୟ ପୀଠରେ ବରିଷ୍ଠ ଅଧିବକ୍ତା କପିଲ ଶିବଲ, ଅଭିଷେକ ସିଂଘଭୀ, ରାଜୀବ ଧାୱନ, ନିଜାମ ପାସା,ରାକେଶ ଦ୍ୱିବେଦୀ ଓ ସି.ୟୁ. ସିଂହଙ୍କ ଭଳି ଓକିଲମାନେ ହାଜର ହୋଇ ଆଇନ ବିରୋଧରେ ନିଜର ତର୍କ ରଖିଛନ୍ତି।



ବୁଧବାର ଶୁଣାଣି ଆରମ୍ଭରେ ସୁପ୍ରିମକୋର୍ଟ ପଚାରିଥିଲେ ସର୍ବପ୍ରଥମେ କିଏ ତର୍କ ରଖିବେ? ପ୍ରଥମେ ଦୁଇଟି ପ୍ରସଙ୍ଗରେ ତର୍କ ଶୁଣାଣି ହେବ। ଏଥିରୁ ଏହି ମାମଲା ସୁପ୍ରିମକୋର୍ଟରେ ଶୁଣାଣି ହେବ କି ହାଇକୋର୍ଟକୁ ପଠାଯିବ ସେ ନେଇ ନିଷ୍ପତ୍ତି ନିଆଯିବ । ତେବେ ସୁପ୍ରିମକୋର୍ଟରେ ବୁଧବାରର ଶୁଣାଣି ଶେଷ ହୋଇଛି। ଏବେ ଗୁରୁବାର ଅପରାହ୍ନ ୨ଟା ମାମଲାରେ ତର୍କ ଆରମ୍ଭ ହେବ। ଏଥିରେ କପିଲ ଶିବଲ ସୁପ୍ରିମକୋର୍ଟରେ ନିଜର ତର୍କ ରଖି କହିଛନ୍ତି ଯେ ଏହି ଆଇନ ଧାର୍ମିକ ସ୍ୱାଧୀନତା (ଅନୁଛେଦ ୨୫) ଓ ଧାର୍ମିକ ବ୍ୟାପାର ପ୍ରବନ୍ଧନ ସ୍ୱାଧୀନତା (ଅନୁଛେଦ ୨୬)ର ପରିପନ୍ଥୀ। ଶିବଲ କହିଛନ୍ତି ଯେ ଯଦି କେହି ନିଜ ସମ୍ପତ୍ତି ୱକଫକୁ ଦେବାକୁ ଚାହାଁନ୍ତି ତେବେ ତାଙ୍କୁ କାହିଁକି ପ୍ରମାଣିତ କରିବାକୁ ପଡିବ ଯେ ସେ ୫ ବର୍ଷରୁ ମୁସଲମାନ ବୋଲି। ଯଦି ସେ ଜନ୍ମରୁ ମୁସଲମାନ ତେବେ ତାଙ୍କୁ ଏହା କାହିଁକି ପ୍ରମାଣିତ କରିବାକୁ ପଡିବ ?ସେ କହିଛନ୍ତି ଯେ ନୂଆ ଆଇନର ଧାରା ୩(ଏ)(୨) ଅନୁସାରେ ୱକଫ-ଅଲ-ଔଲାଦ ଗଠନରେ ମହିଳାଙ୍କୁ ସମ୍ପତ୍ତିରୁ ବଞ୍ଚିତ କରାଯାଇ ପାରିବନି। ଏ ସମ୍ପର୍କରେ କହିଥିବା ରାଜ୍ୟ କିଏ ? ଏଥିରେ ସିଜେଆଇ ସଞ୍ଜୀବ ଖନ୍ନା ଟିପ୍ପଣୀ କରି ସଂସଦ ହିନ୍ଦୁଙ୍କ ପାଇଁ ମଧ୍ୟ ଆଇନ କରିଛି ଓ ମୁସଲମାନଙ୍କ ପାଇଁ ମଧ୍ୟ ଆଇନ କରିଛି । ଅନୁଛେଦ ୨୬ ଧର୍ମ ନିରପେକ୍ଷ ଯାହା ସବୁ ସମୁଦାୟଙ୍କ ନିମନ୍ତେ ଲାଗୁ ହେଉଛି ବୋଲି କହିଛନ୍ତି । ଏଥିରେ କପିଲ ଶିବଲ କହିଛନ୍ତି ଯେ ଇସ୍ଲାମରେ ମୃତ୍ୟୁ ପରେ ଉତ୍ତରାଧିକାର ମିଳିଥାଏ, ହେଲେ ଏହି ଆଇନି ଏହା ପୂର୍ବରୁ ଏଥିରେ ହସ୍ତକ୍ଷେପ କରୁଛି। ସେଣ୍ଟ୍ରାଲ ୱକଫ କାଉନସିଲରେ ଅନ୍ୟ ଧର୍ମର ସଦସ୍ୟ ବ୍ୟବସ୍ଥା ବିରୋଧରେ ଶିବଲ ତର୍କ ରଖିଛନ୍ତି ଯେ ଏହା ସମ୍ବିଧାନର ଅନୁଛେଦ ୨୬ରେ ଦିଆଯାଇଥିବା ଧାର୍ମିକ ବ୍ୟାପାର ପ୍ରବନ୍ଧନର ସ୍ୱାଧୀନତା ଅଧିକାରର ବିରୋଧୀ।

# ବେଙ୍ଗଲ ହିଂସାକୁ ନେଇ କେନ୍ଦ୍ରକୁ ଘେରିଲେ ମୁଖ୍ୟମନ୍ତ୍ରୀ ମମତା

କୋଲକାତା : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର କୋଲକାତାରେ ଇମାମଙ୍କ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ମମତା ମୁର୍ସିଦାବାଦ ହିଂସା ଲାଗି ବିଜେପିକୁ ଦାୟି କରି ଏହା ସୁନିୟୋଜିତ ଷଡ଼ଯନ୍ତ୍ର ଥିଲା ବୋଲି କହିଛନ୍ତି। ସେ କହିଛନ୍ତି ଯେ ବେଙ୍ଗଲରେ ଦଙ୍ଗା କରାଇବା ପାଇଁ ଲୋକଙ୍କୁ ବାହାରୁ ଆଣିବାରେ କେନ୍ଦ୍ରୀୟ ଏଜେନ୍ସୀର ଉପଯୋଗ କରାଯାଇଥିଲା। ବିଏସଏଫ କାହିଁକି ହିଂସାକୁ ରୋକିଲା ନାହିଁ ବୋଲି ମମତା ପ୍ରଶ୍ନ ଉଠାଇଛନ୍ତି। ମମତା ମୋଦିଙ୍କୁ ଅନୁରୋଧ କରିଛନ୍ତି ଯେ ସେ ଅମିତ ଶାହଙ୍କୁ କଣ୍ଟ୍ରୋଲ କରନ୍ତୁ। ଆମିତ ଶାହ ଆମ ବିରୋଧରେ ଏଜେନ୍ସୀମାନଙ୍କ ବ୍ୟବହାର କରୁଛନ୍ତି। ତେବେ ଚିନ୍ତା କରନ୍ତୁ ସେତେବେଳେ କଣ ହେବ ଯେତେବେଳେ ମୋଦି ପ୍ରଧାନମନ୍ତ୍ରୀ ନଥିବେ ବୋଲି କହିଛନ୍ତି। ତେବେ ଅମିତ ଶାହଙ୍କୁ ମମତା ଟାର୍ଗେଟ୍ କରିବା କିଛି ନୂଆ କଥା ନୁହେଁ। ୨୦୨୨ ମସିହାରେ ମମତା ବାନାର୍ଜୀ କହିଥିଲେ ଯେ ଯାଞ୍ଚ ଏଜେନ୍ସୀଙ୍କ ଦୁରୁପଯୋଗ ପଛରେ ପ୍ରଧାନମନ୍ତ୍ରୀଙ୍କ



ହାତ ରହିଛି ମୋତେ ଲାଗୁ ନାହିଁ। କାରଣ ସିବିଆଇ ଓ ଇଡି ଗୃହମନ୍ତ୍ରାଳୟଙ୍କ ଅନ୍ତର୍ଗତ। ମମତା କେନ୍ଦ୍ରକୁ ଟାର୍ଗେଟ କରି କହିଛନ୍ତି ଯେ ବିଏସଏଫ ପଶ୍ଚିମବଙ୍ଗକୁ ଲାଗି ରହିଥିବା ବାଂଲାଦେଶର ୨,୨୦୦ କିଲୋମିଟର ସୀମାକୁ ଜଗି ରହିଛି। ଏଥିରେ ବାଂଲାଦେଶରୁ ଉପଦ୍ରବୀ ପଶ୍ଚିମବଙ୍ଗକୁ ଅନୁପ୍ରବେଶ କରିବା ପାଇଁ ବିଏସଏଫ ଦାୟୀ। ମମତା ବାନାର୍ଜୀ କହିଛନ୍ତି ଯେ ବେଙ୍ଗଲରେ ବିଜେପି ବାହାର ଲୋକଙ୍କୁ ଅଣାଇ ହିଂସା କରିଛି। ୱକଫକୁ ନେଇ ଲୋକଙ୍କୁ ଉସକା ଯାଇଛି। ସେ ମୁର୍ସିଦାବାଦ ହିଂସାକୁ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଏଣୁ ମମତା ଇଣ୍ଡିଆ ମେଣ୍ଟକୁ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ମମତା କହିଛନ୍ତି ଯେ ଆମେ ହିନ୍ଦୁ ଓ ମୁସଲମାନଙ୍କୁ ବାଣ୍ଟିହେବାକୁ ଦେବୁ ନାହିଁ। ଏହା କୌଣସି ଜଣକର ମାମଲା ନୁହେଁ। ୱକଫ ମାମଲାରେ ନିତିଶ କୁମାର ଓ ଚନ୍ଦ୍ରବାବୁ ନାୟଡୁ ନିରବତା ଅବଲମ୍ବନ କରୁଛନ୍ତି। ଏମାନେ କେବଳ ଶାସନ ଲୋଭି, ହେଲେ ଆମେ ଯେଉଁ ପର୍ଯ୍ୟନ୍ତ ଅଛୁ ହିନ୍ଦୁ ମୁସଲମାନ ହେବାକୁ ଦେବୁ ନାହିଁ। ଏଥିରେ ଯଦି ବେଙ୍ଗଲରେ ବିଜେପିର ସରକାର ହୁଏ ତେବେ ଆପଣମାନଙ୍କ ଖାଇବା ପିଇବା ବି ବନ୍ଦ କରିଦେବେ। ବିଜେପି ଆପଣମାନଙ୍କୁ ଉସକାଇବାକୁ ଚେଷ୍ଟା କରୁଛି। ଏଣୁ ମୁଁ ହିନ୍ଦୁ ସମୁଦାୟଙ୍କୁ ସେମାନଙ୍କ ଉକସାଇବାର ପଡନ୍ତୁ ନାହିଁ ବୋଲି ନିବେଦନ କରୁଛି ବୋଲି ମମତା କହିଛନ୍ତି।

## ମହାଦେବ ବେଟିଂ ଆପ ମାମଲାରେ ନିଶାନ୍ତ ପିଟିଙ୍କ 'ଇଜ ମାଇଁ ଟ୍ରିପ'ରେ ଇଡି ଚଢଉ

ନୂଆଦିଲ୍ଲୀ ୧୬।୪: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ମହାଦେବ ଅନଲାଇନ ବେଟିଂ ଆପ ସମ୍ପର୍କିତ ମନିଲଣ୍ଡ୍ରିଂ ମାମଲାରେ ଇଜ ମାଇଁ ଟ୍ରିପ ପରିସରର ତଲାସୀ ନେଇଛି। ସୂଚନା ଅନୁସାରେ ଇଡି ମାମଲାରେ ଦିଲ୍ଲୀ, ମୁମ୍ବାଇ, ଚଣ୍ଡିଗଡ଼, ଅହମଦାବାଦ, ଇନ୍ଦୋର, ଜୟପୁର, ଚେନ୍ନାଇ ଏବଂ ଓଡିଶାର ସମ୍ବଲପୁରରେ ଚଢଉ ହୋଇଛି। ଏହି ଚଢଉରେ ଇଜ ମାଇଁ ଟ୍ରିପ ସଂସ୍ଥାପକ ନିଶାନ୍ତ ପିଟିଙ୍କ ପରିସରକୁ ମଧ୍ୟ ସାମିଲ କରାଯାଇଛି। ଏହି ମାମଲା ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ସଂଘୀୟ ଯାଞ୍ଚ ଏଜେନ୍ସୀ କିଛି ବର୍ଷ ପୂର୍ବେ ଦାବି କରିଥିଲେ ଯେ ଛତିଶଗଡ଼ର ଅନେକ ରାଜନେତା ଓ ବ୍ୟୁରୋକ୍ରାଟ ଆପ ସମ୍ପର୍କିକ ଅବୈଧ ସଞ୍ଚାଳନ ଓ ଏହା ପରେ ହୋଇଥିବା ନେଣଦେଣରେ କଥିତ ରୂପେ ସାମିଲ ଥିଲେ। ଏହି ମାମଲାରେ ପୂର୍ବରୁ ମଧ୍ୟ ଅନେକ ଚଢଉ ହୋଇଛି। ଇଡି ଅତୀତରେ ଅଭିଯୋଗ କରିଥିଲେ ଯେ ମହାଦେବ ଅନଲାଇନ ବେଟିଂ (ଏମଓବି) ଗେମିଂ ଓ ଜୁଆ ଆପ ସମ୍ପର୍କରେ ତାଙ୍କ ଯାଞ୍ଚରେ ଛତିଶଗଡର ଉଚ୍ଚ ପଦପଦବୀରେ ଥିବା ରାଜନେତା ଓ ବ୍ୟୁରୋକ୍ରାଟଙ୍କ ସମ୍ପୃକ୍ତି ଜଣାପଡିଛି। ଏହି ଆପର ଦୁଇ ମୁଖ୍ୟ ପ୍ରବର୍ତ୍ତକ ସୌରଭ ଚନ୍ଦ୍ରକାର ଓ ରବି ଉପ୍ପଲ ମଧ୍ୟ ଛତିଶଗଡ଼ ରାଜ୍ୟର। ଏବେ ଏହି ଯାଞ୍ଚ ପରିସରକୁ ପ୍ରଥମ ଥର ନିଶାନ୍ତ ପିଟିଙ୍କ ଇଜ ମାଇଁ ଟ୍ରିପ ଆସିଛି। ତେବେ ମାମଲାରେ ଚନ୍ଦ୍ରକାର ଓ ଉପ୍ପଲ ଏବେବି ଇଡିଙ୍କ ପଞ୍ଜାରୁ ବାହାରେ ଅଛନ୍ତି।

## ହସ୍ପିଟାଲ ଆଇସିୟୁରେ ଦୁଷ୍କର୍ମ ଅଭିଯୋଗ

ହରିୟାଣା ହସ୍ପିଟାଲରେ ଏକ ଚକିତ ଘଟଣା ସାମ୍ନାକୁ ଆସିଛି । ଆଇସିୟୁ ବେଡରେ ରୋଗୀଙ୍କୁ ଦିଆଯାଇଛି ଯୌନ ନିର୍ଯ୍ୟାତନା । ଭେଣ୍ଟିଲେଟରରେ ରୋଗୀ ଭାବେ ଚିକିତ୍ସିତ ହେଉଥିବା ଜଣେ ଏୟାର ହଷ୍ଟେସ ଙ୍କୁ ଦୁଷ୍କର୍ମ କରିଛି ସେହି ହସ୍ପିଟାଲର ଜଣେ କର୍ମଚାରୀ । ମହିଳା ଜଣଙ୍କ ଚଳପ୍ରଚଳ କରିପାରୁ ନଥିବାର ସୁଯୋଗ ନେଇ ସୈତାନ ଏମିତି କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି । ଆଉ ଏଭଳି ଭୟଙ୍କର ଘଟଣା ସାମ୍ନାକୁ ଆସିବା ପରେ ହରିୟାଣାରେ ଚାଞ୍ଚଲ୍ୟ ଖେଳିଯାଇଛି । ତେବେ ୪୬ ବର୍ଷୀୟା ଏୟାର ହଷ୍ଟେଜ ଜଣଙ୍କ ଏପ୍ରିଲ ୫ ତାରିଖ ଦିନ ଗୁରୁଗ୍ରାମକୁ ଟ୍ରେନିଂ ପାଇଁ ଆସିଥିବା ବେଳେ ଏକ ହୋଟେଲରେ ରହିଥିଲେ ଏବଂ ସେ ଗାଧୋଇବା ବେଳେ ସୁଇମିଂ ପୁଲରେ ବୁଡି ଯାଇ ଗୁରୁତର ହୋଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ପରଦିନ ସଦର ପୋଲିସ ଷ୍ଟେସନ ଅଞ୍ଚଳରେ ଥିବା ଅନ୍ୟ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରେ ତାଙ୍କୁ ଆଇସିୟୁ ଭେଣ୍ଟିଲେଟରରେ ରଖାଯାଇଥିଲା । ତେବେ ମହିଳା ଜଣଙ୍କ ଭେଣ୍ଟିଲେଟରରେ ଚେତାଶୂନ୍ୟ ଅବସ୍ଥାରେ ଥିବା ବେଳେ ହସ୍ପିଟାଲ କର୍ମଚାରୀ ଜଣଙ୍କ ତାଙ୍କୁ ଯୌନ ନିର୍ଯ୍ୟାତନା ଦେଇଥିଲେ ଏବଂ ତାଙ୍କ ଶରୀରରେ ଅଶାଳୀନ ସ୍ପର୍ଶ କରିଥିଲେ ଯାହା ମହିଳା ଜଣଙ୍କ ଜାଣିପାରୁଥିଲେ ମାତ୍ର ସେ ତାଙ୍କ ଶରୀର ଚଳପ୍ରଚଳ ପାଇଁ ଅକ୍ଷମ ଥିବାରୁ ନା ସେ ଚିତ୍କାର କରି କାହାକୁ ଡାକି ପାରୁଥିଲେ ନା ପ୍ରତିବାଦ କରିପାରୁଥିଲେ । ଅସହାୟ ଅବସ୍ଥାରେ ଥିବା ଏୟାର ହଷ୍ଟେଜଙ୍କୁ ଆଇୟିସୁରେ ଯୌନ ଯାତନା ଦେଇ ଚାଲିଥିଲା ଯୌନ ପିପାଷୁ ହସ୍ପିଟାଲ କର୍ମଚାରୀ । ତେବେ ମହିଳା ଜଣଙ୍କ ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ଘରେ ସ୍ୱାମୀଙ୍କୁ ସବୁ କଥା କହିଥିଲେ । ପରେ ସ୍ୱାମୀଙ୍କ ସହ ଯାଇ ଥାନାରେ ଏକ ଲିଖିତ ମାମଲା ଦାଏର କରିବା ପରେ ପୋଲିସ ଉକ୍ତ ହସ୍ପିଟାଲର କର୍ମଚାରୀଙ୍କୁ ପଚରାଉଚରା କରିବା ସହ ସିସିଟିଭି ଯାଞ୍ଚ କରୁଛି ।

# ଜୀବନ୍ତ ହୃଦୟକୁ ବଦଳାଇ ଦେଲା ତାଇୱାନ

ତାଇପେଇ: ଆମେରିକା ଏବଂ ଚୀନ୍ ଭଳି ବିକଶିତ ଦେଶମାନେ ଆଶ୍ଚର୍ଯ୍ୟ ହୋଇଗଲେ ଯେତେବେଳେ ତାଇୱାନର ଏକ ହସ୍ପିଟାଲ ହୃଦୟ ପ୍ରତିରୋପଣର ବିଶ୍ୱରେ ଏକ ସଫଳତା ହାସଲ କଲା, ଯାହାକୁ ଏପର୍ଯ୍ୟନ୍ତ ଅସମ୍ଭବ ମନେ କରାଯାଉଥିଲା। ଆମେରିକା-ଚୀନ୍ ଜଳକା ହୋଇ ଚାହିଁ ରହିଥିବା ବେଳେ, ତାଇୱାନ ଜୀବନ୍ତ ହୃଦୟକୁ ବଦଳାଇ ଦେଇଛି। ତାଇୱାନର ନ୍ୟାସନାଲ ୟୁନିଭରସିଟି ହସ୍ପିଟାଲ (ଟିୟୁଏଚ)ର ଡାକ୍ତରମାନେ ଏକ ହୃଦୟ ପ୍ରତିରୋପଣ କରିଥିଲେ ଯେଉଁଥିରେ ଅସ୍ତ୍ରୋପଚାର ସମୟରେ ମଧ୍ୟ ଦାତାଙ୍କ ହୃଦୟ ନିରନ୍ତର ଧକ୍‌ଧକ୍ ହେଉଥିଲା। ଏପର୍ଯ୍ୟନ୍ତ, ପ୍ରତିରୋପଣ ପୂର୍ବରୁ ସାଧାରଣତଃ ହୃଦୟକୁ କଢ଼ାଯାଉଥିଲା ଏବଂ ଥଣ୍ଡା ତାପମାତ୍ରାରେ ସୁରକ୍ଷିତ ରଖାଯାଉଥିଲା। ବୁଧବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ହସ୍ପିଟାଲ ପକ୍ଷରୁ ଦାବି କରାଯାଇଛି ଯେ, ଏହା ବିଶ୍ୱର ପ୍ରଥମ ସଫଳ ପ୍ରତିରୋପଣ ଯେଉଁଥିରେ ଏକ ଜୀବନ୍ତ ଏବଂ ସ୍ପନ୍ଦିତ ହୃଦୟକୁ ଶରୀରରେ ପ୍ରତିରୋପଣ କରାଯାଇଛି। ଏହି ସଫଳତା ଜର୍ଣ୍ଣାଲ ଅଫ୍ ଥୋରାସିକ୍ ଆଣ୍ଡ୍ କାର୍ଡିଓଭାସ୍କୁଲାର୍ ସର୍ଜରୀ ଟେକନିକ୍ସରେ ମଧ୍ୟ ପ୍ରକାଶିତ ହୋଇଛି। ହସ୍ପିଟାଲର ହୃଦସ୍ପନ୍ଦନ ସର୍ଜନ ଡାକ୍ତର ଚି ନାଇ-ସିନ୍ କହିଛନ୍ତି ଯେ, ସାଧାରଣତଃ ଶରୀରରୁ ହୃତପିଣ୍ଡ ବାହାର କରିବାର ଚାରି ଘଣ୍ଟା ମଧ୍ୟରେ ପ୍ରତିରୋପଣ କରିବାକୁ ପଡ଼ିଥାଏ, କାରଣ ଏହି ସମୟରେ ରକ୍ତ ଯୋଗାଣ ବନ୍ଦ ହୋଇଯାଏ ଏବଂ ହୃତପିଣ୍ଡ ଖରାପ ହେବାକୁ ଲାଗେ। କିନ୍ତୁ ଏହି ଅସ୍ତ୍ରୋପଚାରରେ, ସେମାନେ ଏକ ଇସିଏମଓ ମେସିନ୍ ବ୍ୟବହାର କରିଥିଲେ, ଯାହା ଶରୀର ବାହାରେ ମଧ୍ୟ ହୃଦୟକୁ ସ୍ପନ୍ଦିତ ରଖିଥିଲା। ଏହା ଯୋଗୁ ହୃଦୟକୁ ଅମ୍ଳଜାନ ଏବଂ ରକ୍ତ ମିଳିବା ଜାରି ରହିଥିଲା। ଏହି କୌଶଳ ବ୍ୟବହାର କରି ଦୁଇଟି ସଫଳ ପ୍ରତିରୋପଣ କରାଯାଇଛି। ହସ୍ପିଟାଲ ପକ୍ଷରୁ କୁହାଯାଇଛି ଯେ, ସେମାନେ ଏହି କୌଶଳ ବ୍ୟବହାର କରି ଏପର୍ଯ୍ୟନ୍ତ ଦୁଇଟି ସଫଳ ପ୍ରତିରୋପଣ କରିଛନ୍ତି। ଏହା କେବଳ ହୃଦୟକୁ କ୍ଷତି ହେବାରୁ ରୋକିଥାଏ ନାହିଁ, ବରଂ ପ୍ରତିରୋପଣ ପରେ ହୃଦୟ ମଧ୍ୟ ଭଲ ଭାବରେ କାର୍ଯ୍ୟ କରେ ଏବଂ ରୋଗୀର ବଞ୍ଚିବାର ସମ୍ଭାବନା ବୃଦ୍ଧି ପାଏ। ହସ୍ପିଟାଲର ହୃଦଘାତ ବିଭାଗ ନିର୍ଦ୍ଦେଶକ ଡାକ୍ତର ୟୁ ଶି-ୟୁ କହିଛନ୍ତି ଯେ, ଏନଟିୟୁଏଚ ଏପର୍ଯ୍ୟନ୍ତ ୭୦୦ରୁ ଅଧିକ ହୃଦୟ ପ୍ରତିରୋପଣ କରିସାରିଛି। ଏଥିମଧ୍ୟରୁ ୭୫% ରୋଗୀ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ ବଞ୍ଚିଛନ୍ତି ଏବଂ ଅଧାରୁ ଅଧିକ ରୋଗୀ ୧୦ ବର୍ଷ ଧରି ସୁସ୍ଥ ରହିଛନ୍ତି। ତାଇୱାନରେ ହୃଦ୍ ?ଦାତାଙ୍କ ଏକ ବଡ଼ ଅଭାବ ରହିଛି। ତଥାପି, ତାଇୱାନରେ ହୃଦ୍ ?ଦାତାଙ୍କ ଘୋର ଅଭାବ ରହିଛି। ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା, ୩୪୪ ଜଣ ଲୋକ ହୃଦୟ ପାଇଁ ଅପେକ୍ଷା କରିଥିଲେ, ଯେତେବେଳେ ବର୍ଷକୁ ହାରାହାରି ମାତ୍ର ୮୦ ଟି ହୃଦୟ ଦାନ କରାଯାଇଥାଏ। ଏପରି ପରିସ୍ଥିତିରେ, ହସ୍ପିଟାଲ ସମାଧାନ ସ୍ୱରୂପ ଘରେ ବ୍ୟବହାର ହେଉଥିବା ଭେଣ୍ଟ୍ରିକୁଲାର ସହାୟକ ଉପକରଣ ଯୋଗାଇବା ଆରମ୍ଭ କରିଛି, ଯାହା ପ୍ରାୟ ୧୦୦ ରୋଗୀଙ୍କୁ ଉପକୃତ କରିଛି। ଏମାନଙ୍କ ମଧ୍ୟରୁ ୨୯ ଜଣଙ୍କ ପରେ ହୃଦୟ ପ୍ରତିରୋପଣ କରାଯାଇଥିଲା। ଏହି ସଫଳତା କେବଳ ତାଇୱାନ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ହୃଦୟ ସମ୍ବନ୍ଧୀୟ ରୋଗର ଚିକିତ୍ସାରେ ଏକ ନୂତନ ଆଶା ଭାବରେ ଉଭା ହୋଇଛି।

## ଜିନପିଙ୍ଗଙ୍କୁ ଶକ୍ତ ଧକ୍କା: ମହିଳା ଅଧିକାରୀ ତାଇୱାନକୁ ପଠାଇଲେ ୩ ଲକ୍ଷ ଗୁପ୍ତ ଫାଇଲ୍ !

ବେଜିଂ: ଚୀନ୍‌ର ଜଣେ ମହିଳା ଗୁପ୍ତଚର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଶକ୍ତ ଧକ୍କା ଦେଇଛନ୍ତି। କୁହାଯାଉଛି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଏହି ମହିଳା ୩ ଲକ୍ଷ ଗୁପ୍ତ ଫାଇଲ୍ ଗାଏବ କରିଦେଇଛନ୍ତି। ଏହି ଖବର ପ୍ରକାଶ ପାଇବା ମାତ୍ରେ ଚୀନ୍‌ରେ ଆତଙ୍କ ସୃଷ୍ଟି ହୋଇଛି। ସେନା ଅଧିକାରୀମାନେ ମହିଳାଙ୍କୁ ଗିରଫ କରିଛନ୍ତି ଏବଂ ତାଙ୍କୁ ପଚରାଉଚରା କରାଯାଉଛି। ଅଧିକାରୀମାନେ ଭୟ କରୁଛନ୍ତି ଯେ, ଏହି ଫାଇଲଗୁଡ଼ିକ ତାଇୱାନକୁ ପଠାଯାଇ ଥାଇପାରେ। ମହିଳାଙ୍କ ତାଇୱାନ ଲିଙ୍କ୍ ସାମ୍ନାକୁ ଆସିଛି।

ଗ୍ଲୋବାଲ ଟାଇମ୍ସ ଅନୁଯାୟୀ, ଝାଙ୍ଗ ଉପନାମ ଥିବା ଏହି ମହିଳା ବେଜିଂସ୍ଥିତ ଏକ ମନ୍ତ୍ରଣାଳୟରେ କାର୍ଯ୍ୟ କରୁଥିଲେ। ସେ କାମ କରୁଥିବା ସମୟରେ ତାଙ୍କ ପାଖରେ ଏକ ଡିଭାଇସ୍ ମିଳିଥିଲା, ଯାହା ପରେ ତାଙ୍କୁ ଜେରା କରାଯାଇଥିଲା। ଜେରା ସମୟରେ, ଅଧିକାରୀମାନେ ଯେତେବେଳେ ୩ ଲକ୍ଷ ଗୁପ୍ତ ଫାଇଲ ଗାଏବ ହେବା ବିଷୟରେ ଜାଣିଲେ ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଚୀନ୍ ଅଧିକାରୀମାନେ କହିଛନ୍ତି ଯେ, ମହିଳା ଜଣକ ପ୍ରଥମେ ସେହି ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ ଯେଉଁମାନଙ୍କୁ ଚୀନ୍‌ର ଗୁପ୍ତଚର ସୂଚନା ଆବଶ୍ୟକ ଥିଲା। ଏହା ପରେ, ମହିଳା ଅଧିକାରୀ ସେହି କାଗଜପତ୍ରଗୁଡ଼ିକୁ ନିଜ ପାଖକୁ ନେଇଯାଇଥିଲେ। ସେ ପ୍ରଥମେ ଏହି ଡକ୍ୟୁମେଣ୍ଟଗୁଡ଼ିକୁ ସ୍କାନ କରିଥିଲେ ଏବଂ ତା'ପରେ ସେଗୁଡ଼ିକୁ ଭି-ଚାଟ୍ ମାଧ୍ୟମରେ ପଠାଇବା ଆରମ୍ଭ କରିଥିଲେ।

ରିପୋର୍ଟ ଅନୁଯାୟୀ, ମହିଳା ଅଧିକାରୀ ଏପର୍ଯ୍ୟନ୍ତ ୩ ଲକ୍ଷ ଗୁପ୍ତ ଡକ୍ୟୁମେଣ୍ଟ ସ୍କାନ କରି ବିଦେଶକୁ ପଠାଇ



ସାରିଛନ୍ତି। ଏଥିପାଇଁ ଅଧିକାରୀ ଜଣକ କେତେ ଟଙ୍କା ପାଇଥିଲେ ସେ ବିଷୟରେ ଚୀନ୍ ସରକାର ସୂଚନା ସଂଗ୍ରହ କରୁଛନ୍ତି। ଚୀନ୍ ଅଧିକାରୀମାନେ କହିଛନ୍ତି, ମହିଳା ଅଧିକାରୀ ଜଣକ ତାଙ୍କ ଚୌକିରେ ଏକ ଡିଭାଇସ୍ ଲଗାଇଥିଲେ, ଯାହା ମାଧ୍ୟମରେ ଗୁପ୍ତ ବୈଠକର ସୁଟିଂ କରାଯାଉଥିଲା। ବୁଧବାର ଦିନ ଏହି ଡିଭାଇସଟି ଚୌକିରୁ ଖସି ପଡ଼ିଥିଲା। ଏହାକୁ ଦେଖି ସେଠାରେ ଉପସ୍ଥିତ ଅଧିକାରୀମାନେ ସତର୍କ ହୋଇଯାଇଥିଲେ। ଏହି ସୂଚନା ପୁଲିସକୁ ଦିଆଯାଇଥିଲା। ପୁଲିସ ସ୍ୱତନ୍ତ୍ର ବିଭାଗକୁ ଡକାଇ ସମ୍ପୂର୍ଣ୍ଣ ମାମଲା ସେମାନଙ୍କୁ ହସ୍ତାନ୍ତର କରିଥିଲା। ଯେତେବେଳେ ସ୍ୱତନ୍ତ୍ର ବିଭାଗ ଏହାର ତଦନ୍ତ ଆରମ୍ଭ କଲେ ସେତେବେଳେ ଗୁପ୍ତଚରୀ ବିଷୟରେ ସୂଚନା ମିଳିଥିଲା। ଚୀନ୍‌ରେ ଗୁପ୍ତଚରୀ ମାମଲା ନିରନ୍ତର ବୃଦ୍ଧି ପାଉଛି। ଚୀନ୍‌ରେ ଗୁପ୍ତଚରୀକୁ ଏକ ଗମ୍ଭୀର ଅପରାଧ ଭାବରେ ବିବେଚନା କରାଯାଏ। ଯଦି ଗୁପ୍ତଚରୀ ଅଭିଯୋଗ ପ୍ରମାଣିତ ହୁଏ, ତେବେ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦିଆଯାଏ। ମହିଳାଙ୍କ ବିରୋଧରେ ଗୁପ୍ତଚର ମାମଲା ମଧ୍ୟ ରୁଜୁ କରାଯାଇଛି ଏବଂ ତାଙ୍କ ବିଚାର ଆରମ୍ଭ ହୋଇଛି।

## ଭାଷା ବିଭାଜନର କାରଣ ହେବା ଉଚିତ୍ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ମହାରାଷ୍ଟ୍ରର ଏକ ପୌରପାଳିକାର ସାଇନ୍ ବୋର୍ଡରେ ଉର୍ଦ୍ଦୁ ବ୍ୟବହାର କରିବାର ଚ୍ୟାଲେଞ୍ଜକୁ ପ୍ରତ୍ୟାଖ୍ୟାନ କରି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି ଯେ ଭାଷା ବିଭାଜନର କାରଣ ହେବା ଉଚିତ୍ ନୁହେଁ ଏବଂ ଭାରତର ଭାଷାଗତ ବିବିଧତାକୁ ପ୍ରଶଂସା କରାଯିବା ଉଚିତ। "ବର୍ତ୍ତମାନର ମାମଲାକୁ ଆସିବାକୁ ଗଲେ, ଏହା କହିବା ଆବଶ୍ୟକ ଯେ ଏକ ପୌର ପରିଷଦ ଅଞ୍ଚଳର ସ୍ଥାନୀୟ ସମ୍ପ୍ରଦାୟକୁ ସେବା ପ୍ରଦାନ କରିବା ଏବଂ ସେମାନଙ୍କର ତୁରନ୍ତ ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ଅଛି। ଯଦି ପୌର ପରିଷଦ ଦ୍ୱାରା ଆବଦ୍ଧ ଅଞ୍ଚଳ ମଧ୍ୟରେ ରହୁଥିବା ଲୋକମାନେ କିମ୍ବା ଲୋକଙ୍କର ଏକ ଗୋଷ୍ଠୀ ଉର୍ଦ୍ଦୁ ସହିତ ପରିଚିତ, ତେବେ ଅତି କମରେ ପୌର ପରିଷଦର ସାଇନ୍ ବୋର୍ଡରେ ସରକାରୀ ଭାଷା ଅର୍ଥାତ୍ ମରାଠୀ ବ୍ୟତୀତ ଉର୍ଦ୍ଦୁ ବ୍ୟବହାର କରାଗଲେ କୌଣସି ଆପତ୍ତି ହେବା ଉଚିତ୍ ନୁହେଁ। ଭାଷା ହେଉଛି ଚିନ୍ତାଧାରାର ଆଦାନପ୍ରଦାନର ଏକ ମାଧ୍ୟମ ଯାହା ବିଭିନ୍ନ ମତ ଏବଂ ବିଶ୍ୱାସ ରଖିଥିବା ଲୋକଙ୍କୁ ନିକଟତର କରିଥାଏ ଏବଂ ଏହା ସେମାନଙ୍କ ବିଭାଜନର କାରଣ ହେବା ଉଚିତ୍ ନୁହେଁ।" ବିଚାରପତି ସୁଧାଂଶୁ ଧୂଲିଆ ଏବଂ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ବମ୍ବେ ହାଇକୋର୍ଟଙ୍କ ରାୟର ସଠିକତାକୁ ବଜାୟ ରଖି ଏହି ମନ୍ତବ୍ୟ ଦେଇଛନ୍ତି, ଯେଉଁଥିରେ କୁହାଯାଇଥିଲା ଯେ ଆକୋଲା ଜିଲାର ପାତୁର ପୌର ପରିଷଦର ନୂତନ କୋଠାର ସାଇନ୍ ବୋର୍ଡରେ ରାଜ୍ୟର ସରକାରୀ ଭାଷା ମରାଠୀ ସହିତ ଅତିରିକ୍ତ ଭାଷା ଭାବରେ ଉର୍ଦ୍ଦୁର ବ୍ୟବହାର ମହାରାଷ୍ଟ୍ର ସ୍ଥାନୀୟ କର୍ତ୍ତୃପକ୍ଷ (ସରକାରୀ ଭାଷା) ଆଇନ, ୨୦୨୨ ଉଲ୍ଲଂଘନ କରିବ ନାହିଁ। ଆମର ଧାରଣା ସ୍ପଷ୍ଟ ହେବା ଉଚିତ୍। ଭାଷା ଧର୍ମ ନୁହେଁ। ଭାଷା ଧର୍ମକୁ ପ୍ରତିନିଧିତ୍ୱ ମଧ୍ୟ କରେ ନାହିଁ। ଭାଷା ଏକ ସମ୍ପ୍ରଦାୟର, ଏକ ଅଞ୍ଚଳ, ଲୋକଙ୍କର; ଏବଂ କୌଣସି ଧର୍ମର ନୁହେଁ। ଜଷ୍ଟିସ୍ ଧୂଲିଆ ମତ ଦେଇଥିଲେ ଯେ ଭାଷା ହେଉଛି ସଂସ୍କୃତି ଏବଂ ଉର୍ଦ୍ଦୁକୁ ହିନ୍ଦୁସ୍ତାନୀ ତହଜିବର ସର୍ବୋତ୍ତମ ନମୁନା ଭାବରେ ଜଣାଶୁଣା। ଏହା ଭାରତର ଷଷ୍ଠ ସର୍ବାଧିକ କୁହାଯାଉଥିବା ଅନୁସୂଚିତ ଭାଷା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅନେକ ବିଦ୍ୱାନ କୁହନ୍ତି ଯେ ହିନ୍ଦୁ ଏବଂ ଉର୍ଦ୍ଦୁ ଦୁଇଟି ପୃଥକ ଭାଷା ନୁହେଁ ବରଂ ଗୋଟିଏ।

## ଜଷ୍ଟିସ୍ ବି.ଆର. ଗଭାଇ ପରବର୍ତ୍ତୀ ସିଜେଆଇ

ନୂଆଦିଲ୍ଲୀ : ଭାରତର ପ୍ରଧାନ ବିଚାରପତି ସଞ୍ଜିବ ଖାନ୍ନା ବୁଧବାର ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ ବି.ଆର. ଗଭାଇଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବରେ ସୁପାରିଶ କରିଛନ୍ତି। ଜଷ୍ଟିସ ଗଭାଇ ପରବର୍ତ୍ତୀ ସିଜେଆଇ ହେବେ ବୋଲି ବିଶ୍ୱାସ କରାଯାଉଛି। ତେବେ ସେ ସେ ମେ'୧୪ ତାରିଖରେ ଦେଶର ୫୨ତମ ସିଜେଆଇ ଭାବରେ ଶପଥ ନେବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ ଗଭାଇଙ୍କୁ ଶପଥ ପାଠ କରାଇବେ। ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼ ୬୫ ବର୍ଷ ବୟସରେ ଅବସର ନେବା ପରେ ଜଷ୍ଟିସ ଖାନ୍ନା ନଭେମ୍ବର ୨୦୨୪ରେ ସିଜେଆଇ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ ଜଷ୍ଟିସ ଖାନ୍ନା ଅବସର ନେଉଛନ୍ତି।

# ଭାରତ ମହାସାଗରରେ ୩ ରୁଷିଆ ଯୁଦ୍ଧପୋତ

ଢାକା: ବାଂଲାଦେଶ ସହିତ ଭାରତର ସମ୍ପର୍କ ଖରାପ ହେଉଥିବା ବେଳେ, ତିନୋଟି ରୁଷିଆ ଯୁଦ୍ଧଜାହାଜ ବଙ୍ଗୋପସାଗରରେ ପହଞ୍ଚିଛି। ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରବିବାର ବାଂଲାଦେଶର ଚିଟାଗଙ୍ଗ ବନ୍ଦରରେ ତିନୋଟି ରୁଷିଆ ନୌସେନା ଜାହାଜ, ଆଡମିରାଲ ଟ୍ରିବଟ୍ସ, ଆଡମିରାଲ ପାଣ୍ଟେଲେଭ ଏବଂ ଟ୍ୟାଙ୍କର ପେଚେଙ୍ଗା ପହଞ୍ଚିଛି। ପୂର୍ବରୁ, ବାଂଲାଦେଶ ସେନା ମୁଖ୍ୟ ଏସଏମ ଶଫିଉଦ୍ଦିନ ଅହମ୍ମଦ ମସ୍କୋ ଗସ୍ତ କରିଥିଲେ। ଯାହା ପରେ ପ୍ରଶ୍ନ ଉଠାଯାଉଛି ଯେ, ବନ୍ଧୁ ରୁଷିଆ ବାଂଲାଦେଶ ସହିତ ମିଶି ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛି କି ? ରୁଷୀୟ ଖବର ଏଜେନ୍ସି ସ୍ପୁଟନିକ୍ କହିଛି ଯେ, ରୁଷିଆ ଦକ୍ଷିଣ ଏସିଆ ଏବଂ ପ୍ରମୁଖ ବାଣିଜ୍ୟ ମାର୍ଗଗୁଡ଼ିକରେ ରଣନୈତିକ ପ୍ରବେଶ ସୁରକ୍ଷିତ କରିବାକୁ ଲକ୍ଷ୍ୟ ରଖିଛି। ୧୯୭୨-୭୪ ଯୁଦ୍ଧର ଘଟଣାଗୁଡ଼ିକୁ ସ୍ମରଣ କରିବା ପାଇଁ ରୁଷିଆର ପ୍ରଶାନ୍ତ ମହାସାଗରୀୟ ନୌସେନାର ଜାହାଜଗୁଡ଼ିକ ଗତ ସପ୍ତାହରେ ଚିଟାଗଙ୍ଗ ଗସ୍ତ କରିଥିଲେ। ସେତେବେଳେ ସୋଭିଏତ୍ ନାବିକମାନେ ମୁକ୍ତି ଯୁଦ୍ଧ ପରେ ବାଂଲାଦେଶକୁ ପୁନଃନିର୍ମାଣ କରିବାରେ ସାହାଯ୍ୟ କରିଥିଲେ ବୋଲି ସ୍ପୁଟନିକ୍ ରିପୋର୍ଟ କରିଛି। ଯଦିଓ ଢାକା ଆନୁଷ୍ଠାନିକ ଭାବରେ ନୌସେନା ଏହାକୁ 'ବନ୍ଧୁତ୍ୱପୂର୍ଣ୍ଣ ବନ୍ଦର ଗସ୍ତ' ଭାବରେ ବର୍ଣ୍ଣନା କରିଛି। ଏହି ଘଟଣା ଲୋକଙ୍କୁ ଚକିତ କରିଛି। ବଙ୍ଗୋପସାଗରରେ ବଢୁଥିବା ଭୂରାଜନୈତିକ ଗତିଶୀଳତା ବିଷୟରେ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ସ୍ପୁଟନିକ୍ କହିଛି ଯେ, ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥଗୁଡ଼ିକ ଏହି ଅଞ୍ଚଳ ଦେଇ ଯାଇଥାଏ। ଆମେରିକା ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକର ଭାରତ ମହାସାଗରରେ ପୂର୍ବରୁ ସାମରିକ ଘାଟି ଅଛି। ବଙ୍ଗୋପସାଗର ସମେତ ମହାସାଗରକୁ ଏକ ଅନୁକୂଳ ପଥ ରୁଷିଆର ସ୍ୱାର୍ଥରେ ରହିଛି। ଯଦିଓ ବାଂଲାଦେଶର ପ୍ରମୁଖ ବନ୍ଦର ଚିଟାଗଙ୍ଗରେ ରୁଷିଆ ଯୁଦ୍ଧଜାହାଜର ଉପସ୍ଥିତିର ଏହା ପ୍ରଥମ ଘଟଣା ନୁହେଁ। ଏଥର ନୌସେନା ଜାହାଜଗୁଡ଼ିକ କିଛି ଦିନ ପାଇଁ ବନ୍ଦରରେ ରହିବେ।

ଏହାକୁ ସରକାରୀ ଉଦ୍ଦେଶ୍ୟ ପୁନଃପୂରଣ ଏବଂ ନୌସେନା କୂଟନୀତି ବୋଲି କୁହାଯାଉଛି। ଏହି ଗସ୍ତ ଭାରତ ଭଳି ପାରମ୍ପରିକ ସହଯୋଗୀ ଦେଶମାନଙ୍କ ସହିତ ଦକ୍ଷିଣ ଏସିଆରେ ରୁଷିଆର ପ୍ରତିରକ୍ଷା ରଣନୀତିକୁ ପ୍ରତିଫଳିତ କରୁଛି। ସେହି ସମୟରେ, ଏହା ଅନୁମାନ କରାଯାଉଛି ଯେ, ବାଂଲାଦେଶ ମଧ୍ୟ ନିଜର



ସାମରିକ ସମ୍ପର୍କରେ ବିବିଧତା ଆଣିବାକୁ ଚେଷ୍ଟା କରୁଛି। ଏହାକୁ ଢାକା ପକ୍ଷରୁ ରଣନୈତିକ ସନ୍ତୁଳନ ବଜାୟ ରଖିବା ଦୃଷ୍ଟିକୋଣରୁ ଦେଖାଯାଉଛି। ରୁଷିଆନ୍ ସ୍ପୁଟନିକ୍ କହିଛି ଯେ, ପ୍ରଯୁକ୍ତିବିଦ୍ୟା କୂଟନୀତି ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ରୁଷିଆର ରାଷ୍ଟ୍ରାୟତ୍ତ ଟେକ୍ ଜାଏଣ୍ଟ ଆରଓଏସଟିଇସି ଢାକାରେ ଏକ କେନ୍ଦ୍ର ଖୋଲିଛି। ସ୍ପୁଟନିକ୍ କହିଛି, ରୁଷିଆ ନୌସେନାର ଏହି ଯୁଦ୍ଧଜାହାଜଗୁଡ଼ିକ ଭାରତ-ପ୍ରଶାନ୍ତ ମହାସାଗର ଗସ୍ତରେ ଅଛନ୍ତି, ଯେଉଁଠାରେ ସେମାନେ ଫେବ୍ରୁଆରିରୁ ଏପ୍ରିଲ ମଧ୍ୟରେ ଇଣ୍ଡୋନେସିଆ, ଭାରତ, ଇରାନ, ଚୀନ୍ ଏବଂ ପାକିସ୍ତାନ ପହଞ୍ଚିବାକୁ ଯୋଜନା କରୁଛନ୍ତି। ମାର୍ଚ୍ଚ ମାସରେ, ଭାରତ ମହାସାଗରରେ ସାମୁଦ୍ରିକ ସୁରକ୍ଷା ବେଲ୍ଟ-୨୦୨୫ ଅଭ୍ୟାସ ପାଇଁ ରୁଷ, ଚୀନ୍ ଏବଂ ଇରାନ ଏକାଠି ହୋଇଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଅପହରଣ ସମୟରେ ଜାହାଜଗୁଡ଼ିକୁ ଜଳଦସ୍ୟୁଙ୍କଠାରୁ ରକ୍ଷା କରିବା। ଏହା ବ୍ୟତୀତ, ଏପ୍ରିଲ୍ ଆରମ୍ଭରେ, ଭାରତୀୟ ଏବଂ ରୁଷ ନୌସେନା ବଙ୍ଗୋପସାଗରରେ ଏକ ମିଳିତ ନୌସେନା ଅଭ୍ୟାସ କରିଥିଲେ। ମନି କଣ୍ଟ୍ରୋଲ ରିପୋର୍ଟ କରିଛି ଯେ ଚିଟାଗଙ୍ଗ ବନ୍ଦରକୁ ରୁଷ ନୌସେନା ଜାହାଜ ଗସ୍ତ ବାଂଲାଦେଶର ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସାମରିକ ସହଭାଗୀତାକୁ ବିବିଧ କରିବା ପାଇଁ ପ୍ରୟାସର ଲକ୍ଷ୍ୟ, ଯାହା ଚୀନ୍‌କୁ ବିରକ୍ତ କରିପାରେ। ଏସଆଇପିଆରଆଇ (ଷ୍ଟକହୋମ୍ ଇଣ୍ଟରନ୍ୟାସନାଲ୍ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍)ର ତଥ୍ୟ ଅନୁଯାୟୀ, ୨୦୧୮ ରୁ ୨୦୨୨ ମଧ୍ୟରେ ବାଂଲାଦେଶର ମୋଟ ଅସ୍ତ୍ରଶସ୍ତ୍ର ଆମଦାନୀର ପ୍ରାୟ ୭୪% ଚୀନ୍ କରିଥିଲା, ଯାହା ଏହାକୁ ଦେଶର ପ୍ରମୁଖ ସାମରିକ ଯୋଗାଣକାରୀ କରିଥିଲା। ବାଂଲାଦେଶ ଚୀନଠାରୁ ଫ୍ରିଗେଟ୍, କର୍ଭେଟ୍, ଟ୍ୟାଙ୍କ, ଲଢୁଆ ବିମାନ ଏବଂ ବୁଡ଼ାଜାହାଜ ସମେତ ବିଭିନ୍ନ ପ୍ରତିରକ୍ଷା ପ୍ରଣାଳୀ କିଣିଛି। ତେଣୁ ବାଂଲାଦେଶ ଅସ୍ତ୍ରଶସ୍ତ୍ର ପାଇଁ ଚୀନ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇଯାଇଛି। ଭାରତର ଦୃଷ୍ଟିକୋଣରୁ, ଚିଟାଗଙ୍ଗ ବନ୍ଦରକୁ ରୁଷିଆ ନୌସେନା ଜାହାଜ ଗସ୍ତର ଦୁଇଟି ଭିନ୍ନ ଦିଗ ହୋଇପାରେ। ମନି କଣ୍ଟ୍ରୋଲ ଅନୁଯାୟୀ, ବାଂଲାଦେଶରେ ଚୀନ୍‌ର ପ୍ରଭାବକୁ ସନ୍ତୁଳିତ କରିବା ପାଇଁ ଦକ୍ଷିଣ ଏସିଆରେ ରୁଷିଆର ବୃଦ୍ଧି ପାଉଥିବା ଉପସ୍ଥିତିକୁ ନୂଆଦିଲ୍ଲୀ ସ୍ୱାଗତ କରିପାରେ। ଭାରତ ଏବଂ ରୁଷିଆ ମଧ୍ୟରେ ଦୃଢ଼ ପ୍ରତିରକ୍ଷା ଏବଂ ଶକ୍ତି ସମ୍ପର୍କ ରହିଛି। ଏହା ବ୍ୟତୀତ ଦୁଇ ଦେଶ ମଧ୍ୟରେ ବିଶ୍ୱାସର ସମ୍ପର୍କ ମଧ୍ୟ ରହିଛି। ତେଣୁ ଏହି ଗସ୍ତ ଭାରତକୁ ଅସହଜ କରିବ ନାହିଁ। ଅଧିକନ୍ତୁ, ବାଂଲାଦେଶ ଏବଂ ରୁଷିଆ ଉଭୟ ସହିତ ଭାରତର ଦୀର୍ଘକାଳୀନ ପ୍ରତିରକ୍ଷା ସହଭାଗୀତାକୁ ଦୃଷ୍ଟିରେ ରଖି, ଏହା ଅନୁମାନ କରାଯାଉଛି ଯେ, ରୁଷିଆ ଏ ବିଷୟରେ ଭାରତକୁ ପୂର୍ବରୁ ଜଣାଇ ସାରିଛି। ତଥାପି, ଭାରତ ପାଇଁ ଏବେ ବି କିଛି ଚିନ୍ତା ରହିଛି। ଐତିହାସିକ ବନ୍ଧୁତା ସତ୍ତ୍ୱେ, ତୃତୀୟ ପକ୍ଷ ନୌସେନାର ଆଗମନ ଭାରତ ମହାସାଗରରେ ଭାରତ-ନେତୃତ୍ୱାଧୀନ ସୁରକ୍ଷା ନିର୍ମାଣ ପାଇଁ ନୂଆଦିଲ୍ଲୀର ଦୃଷ୍ଟିକୋଣକୁ ଜଟିଳ କରୁଛି।

## ରାହୁଲଙ୍କ ମିଶନ ଗୁଜରାଟ

ଗୁଜରାଟ : ଗୁଜରାଟ ବିଧାନସଭା ନିର୍ବାଚନ ଯଥେଷ୍ଟ ପୂର୍ବରୁ କଂଗ୍ରେସ ନିଜ ଘର ସଜାଡିବାକୁ ଉଦ୍ୟମ କରିଛି । ଏହି ମର୍ମରେ ଦୁଇ ଦିନିଆ ଗୁଜରାଟ ଗସ୍ତରେ ଥିବା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦଳର ସମସ୍ତ ସଂଗଠନରେ ଆମୂଳଚୂଳ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଛନ୍ତି । ଦଳର କର୍ମକର୍ତ୍ତା ଓ ସାଧାରଣ କର୍ମୀଙ୍କୁ ଭେଟିବା ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରତ୍ୟେକଙ୍କୁ ଉତ୍ତରଦାୟୀ ହେବାକୁ ସତର୍କ କରିଛନ୍ତି । ପ୍ରତ୍ୟେକ କର୍ମକର୍ତ୍ତା ନିଜ ସମୟ ମଧ୍ୟରେ ଦଳ ପାଇଁ କେତେ କାମ କରିଛନ୍ତି ତାର ବିସ୍ତୃତ ବିବରଣୀ ଦେବାକୁ ରାହୁଲ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ଖୁବଶୀଘ୍ର ଗୁଜରାଟ କଂଗ୍ରେସର ଆମୂଳଚୂଳ ପରିବର୍ତ୍ତନ ପାଇଁ ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି । ବାରମ୍ବାର ନିର୍ବାଚନ ହାରିବା ପରେ ଦଳୀୟ କର୍ମକର୍ତ୍ତାଙ୍କ ମନୋବଳ ଭାଙ୍ଗିଯାଇଛି । ତେଣୁ ପ୍ରାୟ ଅଢ଼େଇବର୍ଷ ପରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଆଗଭର ହୋଇଛି । ସେଥିପାଇଁ ରାହୁଲ କର୍ମୀମାନଙ୍କ ମନୋବଳ ବଢ଼ାଇବାକୁ ଯାଇ ସମସ୍ତଙ୍କୁ ଗୁରୁତ୍ୱ ଦେଇଛନ୍ତି ।

# ଖେଳକୁଦର ଗୋଟିଏ ମହତ୍ୱପୂର୍ଣ୍ଣ ଦିଗ ହେଉଛି ଖେଳୁଆଡ ମନୋଭାବ : ମୁଖ୍ୟମନ୍ତ୍ରୀ

## ଧରଣୀଧର ବିଶ୍ୱବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆରମ୍ଭ

କେନ୍ଦୁଝରଗଡ,୧୬।୪ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ହୋଇଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି।

ଉଦଘାଟନୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ୱଳ୍ପ କାର୍ଯ୍ୟକାଳ ମଧ୍ୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ପରି ଏକ ସମ୍ମାନଜନକ କାର୍ଯ୍ୟକ୍ରମ ଆୟୋଜନ କରିବା ନିଶ୍ଚିତ ଭାବେ ବିଶ୍ୱବିଦ୍ୟାଳୟର ଯାତ୍ରାରେ ଏକ ମାଇଲଖୁଣ୍ଟ ହୋଇ ରହିବ। ଏହି ଅବସରରେ ରାଜ୍ୟର ୧୩ ବିଶ୍ୱବିଦ୍ୟାଳୟରୁ ଭାଗନେଉଥିବା ପ୍ରତିଯୋଗୀମାନଙ୍କୁ ଖେଳରେ ଭଲ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ।



ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଖେଳକୁଦର ଗୋଟିଏ ମହତ୍ୱପୂର୍ଣ୍ଣ ଦିଗ ହେଉଛି ଖେଳୁଆଡ ମନୋଭାବ ଖେଳକୁଦ ହେଉଛି ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। କେବଳ ପ୍ରତିଯୋଗୀତା ପାଇଁ ନୁହେଁ, ଶରୀରକୁ ସୁସ୍ଥ ଓ ଚ□ଳ ରଖିବା ପାଇଁ କିଛି ନା କିଛି ଶାରୀରିକ ପରିଶ୍ରମ କରିବା ଆବଶ୍ୟକ । ରାଜ୍ୟର କ୍ରୀଡା ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶା ଆଜି କ୍ରୀଡା କ୍ଷେତ୍ରରେ ଦେଶର ଏକ ଆଗଧାଡିର ରାଜ୍ୟ ପ୍ରକୃତରେ ଓଡିଶାକୁ ଭାରତର କ୍ରୀଡା ରାଜଧାନୀ ଭାବେ ଲୋକେ ଅଭିହିତ କରନ୍ତି ଆଜି ଓଡିଶାରେ ବିଶ୍ୱସ୍ତରୀୟ କ୍ରୀଡା ଭିତ୍ତିଭୂମି ଅଛି, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କ୍ରୀଡା ପ୍ରଶିକ୍ଷକ ଅଛନ୍ତି। ରାଜ୍ୟର ଉଦୀୟମାନ କ୍ରୀଡାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା ପ୍ରତିଯୋଗିତାରେ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣି ଦେଉଛନ୍ତି।

ଆମ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଭଲିବଲ, କ୍ରିକେଟ, ଫୁଟବଲ ଓ ଆଥଲେଟିକସ୍ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧା ସୃଷ୍ଟି କରାଯିବ। କ୍ରୀଡାର ବିକାଶ ପାଇଁ ୫ ବର୍ଷ ମଧ୍ୟରେ ୪ ହଜାର ଏକ ଶହ ୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ଲକସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮ ଶହ ୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ରୂପେ ବିକାଶ କରାଯିବ।। ସହିତ ସାରା ରାଜ୍ୟରେ କ୍ରୀଡା କ୍ଷେତ୍ରରେ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଚଳିତ ବଜେଟରେ ଆମେ କ୍ରୀଡା ଏବଂ ଯୁବସେବା ବ୍ୟାପାର ବିଭାଗ ପାଇଁ ୧ ହଜାର ୩୧୯ କୋଟି ୭୯ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛୁ ପ୍ରତ୍ୟେକଟି ଟଙ୍କା ଆପଣଙ୍କ ପରି ଆମ ଓଡ଼ିଶାର ଯୁବ ଖେଳାଳୀଙ୍କ ପ୍ରତିଭାର ବିକାଶ ପାଇଁ ଖର୍ଚ୍ଚ ହେବ ଆପଣମାନେ ଏହାର ଅଂଶୀଦାର ହୁଅନ୍ତୁ ଏବଂ ନିଜ ପାଇଁ ତଥା ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ମୋହନ ନାଏକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଓ କୁଳସଚିବ ଶଶିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ସୂଚନାଯୋଗ୍ୟ ପା□ ଦିନ ବ୍ୟାପୀ ହେବାକୁ ଥିବା ଏହି ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ମହାକୁମ୍ଭରେ ରାଜ୍ୟର ୧୨ ଗୋଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

### ଆଜିର ମ୍ୟାଚ୍




ମୁମ୍ବାଇ ଇଣ୍ଡିଆନ୍ସ
ବନାମ
ଏସଆରଏଚ୍

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ | ୦୬ | ୦୫ | ୦୧ | ୧୦ |
| ଗୁଜରାଟ ଟାଇଟନ୍ସ | ୦୬ | ୦୪ | ୦୧ | ୦୮ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୬ | ୦୪ | ୦୨ | ୦୮ |
| ପଞ୍ଜାବ କିଙ୍ଗ୍ସ | ୦୬ | ୦୪ | ୦୨ | ୦୮ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୭ | ୦୪ | ୦୩ | ୦୮ |
| କୋଲକାତା ନାଇଟ୍ ରାଇଡର୍ସ | ୦୭ | ୦୩ | ୦୪ | ୦୬ |
| ରାଜସ୍ଥାନ ରୟାଲ୍ସ | ୦୬ | ୦୨ | ୦୫ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୬ | ୦୨ | ୦୪ | ୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୬ | ୦୨ | ୦୪ | ୦୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୦୭ | ୦୨ | ୦୫ | ୦୪ |

# ମହିଳା କ୍ରିକେଟ ପାଇଁ ନିଯୁକ୍ତି ସୁଯୋଗ

ନୂଆଦିଲ୍ଲୀ,୧୬।୪(ଏଜେନସି) ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ(ବିସିସିଆଇ)ରେ ନିଯୁକ୍ତି ସୁଯୋଗ ବୋର୍ଡ ପକ୍ଷରୁ ବୁଧବାର ଖାଲି ପଦବୀ ବିଷୟରେ ସୂଚନା ଦିଆଯାଇଥିଲା। ଇଣ୍ଡିଆ ମହିଳା ଟିମ୍‌କୁ ମୁଖ୍ୟ ଫିଜିଓଥେରାପିଷ୍ଟ ଏବଂ ପ୍ରଶିକ୍ଷକଙ୍କ ଆବଶ୍ୟକତା ଅଛି। ଖାଲି ପଦବୀ ସହିତ, ବିସିସିଆଇ ଆବଶ୍ୟକୀୟ ଯୋଗ୍ୟତା ଏବଂ ଅଭିଜ୍ଞତା ମଧ୍ୟ ଉଲ୍ଲେଖ କରିଛି।ଏହି ପଦବୀଗୁଡ଼ିକରେ କାର୍ଯ୍ୟ କରୁଥିବା ଲୋକମାନେ ଖେଳାଳିଙ୍କ ପ୍ରଦର୍ଶନକୁ ଉନ୍ନତ କରିବାରେ ସାହାଯ୍ୟ କରିବେ ଏହା ସହିତ ଆଘାତ ପରେ ଶୀଘ୍ର ଆରୋଗ୍ୟ ପାଇଁ କାର୍ଯ୍ୟ କରିବେ।

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ସିନିୟର ମହିଳା ଟିମ ଇଣ୍ଡିଆ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଖାଲି ପଦବୀ ପ୍ରକାଶ କରିଛି। ପ୍ରଥମ ପଦବୀଟି ମୁଖ୍ୟ ଫିଜିଓଥେରାପିଷ୍ଟଙ୍କ ପାଇଁ ଏବଂ ଦ୍ୱିତୀୟ ପଦବୀଟି ଷ୍ଟ୍ରେଙ୍ଗଥ ଏବଂ କଣ୍ଡିସନିଂ। କୋଚ୍ ପାଇଁ ଏହି ଦୁଇଟି ପଦବୀରେ କାମ କରୁଥିବା ଲୋକମାନେ ବେଙ୍ଗାଲୁରୁରେ ଅବସ୍ଥିତ ବିସିସିଆଇ ସେଣ୍ଟର ଅଫ ଏକ୍ସିଲେନ୍ସରେ କାମ କରିବେ। ଖେଳାଳିମାନେ ଆହତ ହେବା ପରେ ଫିଜିଓଙ୍କ ଦାୟିତ୍ୱ ବଢ଼ିଯିବ। ସେମାନେ ଖେଳାଳିମାନଙ୍କ ଆରୋଗ୍ୟ ପାଇଁ କାର୍ଯ୍ୟ କରିବେ। ଏଥିପାଇଁ ପ୍ରତିଦିନ ଅଧିବେଶନ ଅନୁଷ୍ଠିତ ହେବ। କ୍ରୀଡା କିମ୍ବା ମସ୍କୁଲୋସ୍କେଲେଟାଲ ଫିଜିଓଥେରାପି/କ୍ରୀଡା ଏବଂ ବ୍ୟାୟାମ ଔଷଧ/କ୍ରୀଡା ପୁନର୍ବାସରେ ବିଶେଷଜ୍ଞତା ସହିତ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ଆବଶ୍ୟକ। ଏହା ସହିତ ଫିଜିଓଥେରାପିରେ ଅତି କମରେ ୧୦ ବର୍ଷର ଅଭିଜ୍ଞତା ମଧ୍ୟ ଆବଶ୍ୟକ। ଆବେଦନ କରୁଥିବା ଫିଜିଓଙ୍କର ଏକ ଦଳ କିମ୍ବା ଖେଳାଳିଙ୍କ ସହ କାମ କରିବାର ଅଭିଜ୍ଞତା ଥିବା ଆବଶ୍ୟକ। ଷ୍ଟ୍ରେଙ୍ଗଥ ଏବଂ କଣ୍ଡିସନିଂ ପ୍ରଶିକ୍ଷକମାନେ ଖେଳାଳିମାନଙ୍କ ପାଇଁ ୱାର୍ମଅପ ସୂଚୀବଦ୍ଧ କରିବେ। ଏହା ସହିତ ମ୍ୟାଚ ପୂର୍ବରୁ ଅଭ୍ୟାସ କରାଇବେ। ସେ ଖେଳାଳିମାନଙ୍କ ଫିଟନେସର ମଧ୍ୟ ଯତ୍ନ ନେବେ। ଏଥିପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଡିଜାଇନ କରିବାର ଦାୟିତ୍ୱ ରହିବ। ଏହି ପଦବୀ ପାଇଁ ଆବେଦନ କରିବାକୁ ହେଲେ, ସର୍ବନିମ୍ନ ୭ ବର୍ଷର ଅଭିଜ୍ଞତା ଆବଶ୍ୟକ। ଏହା ସହିତ ଜଣଙ୍କର ଦଳ କିମ୍ବା ଖେଳାଳିଙ୍କ ସହ କାମ କରିବାର ଅଭିଜ୍ଞତା ମଧ୍ୟ ରହିବା ଉଚିତ।

# ପୋମୋନା ସହରରେ ଅଲିମ୍ପିକ୍ କ୍ରିକେଟ ମ୍ୟାଚ

ନୂଆଦିଲ୍ଲୀ,୧୬।୪(ଏଜେନ୍ସି): ପ୍ରାୟ ୧୨୮ ବର୍ଷ ପରେ ୨୦୨୮ ଲସଏଞ୍ଜେଲସ୍ ଅଲିମ୍ପିକରେ ପ୍ରତ୍ୟାବର୍ତ୍ତନ କରିବ କ୍ରିକେଟ୍ ଏଥି ପାଇଁ ପ୍ରସ୍ତୁତି ଏବେ ଜୋରସୋର ଆରମ୍ଭ ହୋଇଯାଇଛି। ଏହିକ୍ରମରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏକ ବଡ଼ ଘୋଷଣା କରିଛି। ଲସଏଞ୍ଜେଲସ୍ ଅଲିମ୍ପିକ ସମୟରେ କେଉଁ ସ୍ଥାନରେ କ୍ରିକେଟ ଖେଳାଯିବ ଆଇସିସି ସେହି ସ୍ଥାନର ନାମ ଘୋଷଣା କରିଛନ୍ତି।ଏହି ଘୋଷଣା ଅନୁସାରେ ଦକ୍ଷିଣ କାଲିଫର୍ଣ୍ଣିଆର ପୋମୋନା ସହର ଅଲିମ୍ପିକ କ୍ରୀଡାରେ କ୍ରିକେଟ ମ୍ୟାଚ୍ ର ଆୟୋଜକ ହେବ ।ଅଲିମ୍ପିକ କ୍ରିକେଟ ପ୍ରତିଯୋଗିତାରେ ପୁରୁଷ ଓ ମହିଳାଙ୍କ ୬ଟି ଲେଖାଏଁ ଟିମ୍ ଅଂଶଗ୍ରହଣ କରିବ ଏହାର ଆୟୋଜନ ପୋମୋନାର ଫେୟାର ଗ୍ରାଉଣ୍ଡରେ ହେବ ଏହି ସହର ଅଲିମ୍ପିକ ଖେଳର ମୁଖ୍ୟ ସହର ଲସ ଏଞ୍ଜେଲସରୁ ୪୮ କିଲୋମିଟର ଦୂରରେ ଅବସ୍ଥିତ ଆଇସିସି ଚେୟାରମ୍ୟାନ ଜୟ ଶାହ ଏ ନେଇ ଜାରି ବିଜ୍ଞପ୍ତିରେ କହିଛନ୍ତି ଯେ ଆମେ ଲସଏଞ୍ଜେଲସ୍ ଅଲିମ୍ପିକ ୨୦୨୮ରେ କ୍ରିକେଟ ଆୟୋଜନସ୍ଥଳ ଘୋଷଣାକୁ ସ୍ୱାଗତ କରୁଛୁ କାରଣ ଏହା ଅଲିମ୍ପିକରେ ଆମ ଖେଳ ପ୍ରତ୍ୟାବର୍ତ୍ତନର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଶେଷ ଥର କ୍ରିକେଟ ୧୯୦୦ ମସିହାରେ ପ୍ୟାରିସ ଅଲିମ୍ପିକରେ ଖେଳା ଯାଇଥିଲା। ସେତେବେଳେ ଗ୍ରେଟ ବ୍ରିଟେନ ଓ ଫ୍ରାନସ ମଧ୍ୟରେ ଦୁଇ ଦିବସୀୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏବେ ଏହାକୁ ଅନଧିକାରୀକ ଟେଷ୍ଟ ରୂପେ ଗଣନା ଯାଉଛି। ତେବେ ଲସଏଞ୍ଜେଲସ୍ ଅଲିମ୍ପିକରେ ୬ଟି ଟିମ୍ ଟି-୨୦ ଫର୍ମାଟରେ ଖେଳୁଥିବାର ଦେଖାଯିବେ। କେବଳ ଏତିକି ନୁହେଁ ଆୟୋଜକ ଗୋଟିଏ ଟିମ୍‌ରେ ଅଧିକତମ ଖେଳାଳିଙ୍କ ସଂଖ୍ୟା ମଧ୍ୟ ନିର୍ଦ୍ଧାରଣ କରିବେ। ଆୟୋଜକ କହିଛନ୍ତି ଯେ ଗୋଟିଏ ଟିମରେ ୧୫ଜଣ ଖେଳାଳି ରହିବେ। ଏଣୁ ପୁରୁଷ ଓ ମହିଳା ଉଭୟ ଶ୍ରେଣୀରେ ସର୍ବାଧିକ ୯୦ ଜଣ ଖେଳାଳିଙ୍କ କୋଟା ନିର୍ଦ୍ଧାରଣ କରାଯାଇଛି।

ଆଗାମୀ ଅଲିମ୍ପିକରେ କେବଳ କ୍ରିକେଟ ନୁହେଁ, ଆଉ ୫ଟି ନୂଆ। ଖେଳକୁ ମଧ୍ୟ ସାମିଲ କରାଯାଇଛି। ଅନ୍ତର୍ଜାତୀୟ ଅଲିମ୍ପିକ ସଂଘ ଏ ନେଇ ଘୋଷଣା ମଧ୍ୟ କରିଛନ୍ତି। କ୍ରିକେଟ ବ୍ୟାତୀତ ଏଥିରେ ବେସବଲ,ସଫ୍ଟ ବଲ, ଫ୍ଲାଗ ଫୁଟବଲ, ଲ୍ୟାକ୍ରସ ଓ ସ୍କ୍ୱସ୍‌କୁ ମଧ୍ୟ ସାମିଲ କରାଯାଇଛି। ଏଥି ମଧ୍ୟରେ ଆଇଓସି କାର୍ଯ୍ୟକାରୀ ବୋର୍ଡ ଅଲିମ୍ପିକ ୨୦୨୮ ନିମନ୍ତେ ପ୍ରତିଯୋଗୀତା କାର୍ଯ୍ୟକ୍ରମ ଓ ଖେଳାଳିଙ୍କ କୋଟାକୁ ମଞ୍ଜୁର କରିଛନ୍ତି। ଏହି କ୍ରିଡାରେ ପ୍ୟାରିସ୍ ଅଲିମ୍ପିକ ୨୦୨୪ ତୁଳନାରେ ଅଧିକ ୨୨ଟି ପଦକ ପ୍ରତିଯୋଗୀତା ରହିବ।

# ମୀରାବାଈ ଚାନୁଙ୍କୁ ଗୁରୁଦାୟିତ୍ୱ

ନୂଆଦିଲ୍ଲୀ,୧୬।୪: ଟୋକିଓ ଅଲମ୍ପିକ୍ସରେ ପଦକ ବିଜେତା ମୀରାବାଈ ଚାନୁଙ୍କୁ ଗୁରୁ ଦାୟିତ୍ୱ। ଭାରତୀୟ ଭାରଉତ୍ତୋଳନ ମହାସଂଘଙ୍କ ଅଧକ୍ଷା ନିଯୁକ୍ତ ହୋଇଛନ୍ତି ମୀରା। ଦାୟିତ୍ୱ ତୁଲାଇବା ସହିତ ଏହା ଭାରଉତ୍ତୋଳନର ସ୍ୱର ଶାଣିତ କରିବାର ଅବସର ବୋଲି କହିଛନ୍ତି ମୀରାବାଈ ।



ଆଇଡ଼ବ୍ଲୁଏଫ୍‌ର ଅଧକ୍ଷା ନିଯୁକ୍ତ ହେବା ପରେ ମୀରା କହିଛନ୍ତି, ମୋତେ ଅଧକ୍ଷା ଭାବେ ନିଯୁକ୍ତି କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଏହି ଦାୟିତ୍ୱକୁ ତୁଲାଇବାକୁ ସଂକଳ୍ପ ନେଉଛି। ଏହା ସହିତ ବିଭିନ୍ନ ମ□ରେ ଭାରଉତ୍ତୋଳନ କ୍ରୀଡ଼ାବିତଙ୍କ ସ୍ୱରକୁ ଶାଣିତ କରିବି ।ସେମାନେ କିପରି ଖେଳ ଉପରେ ଧ୍ୟାନ କରିବେ ସେ ଦିଗରେ ଦୃଷ୍ଟି ଦେବି।

କହିବାକୁ ଗଲେ ୨୦୨୧ରେ ମୀରାବାଈ ଚାନୁ ଟୋକିଓ ଅଲମ୍ପିକ୍ସରେ ୪୯କେଜି ବର୍ଗରେ ରୌପ୍ୟ ପଦକ ଜିତିଥିଲେ। କରନମ ମାଲେଶ୍ୱରୀଙ୍କ ପରେ ମୀରା ଦ୍ୱିତୀୟ ଭାରତୀୟ ଭାରଉତ୍ତୋଳନ କ୍ରୀଡ଼ାବିତ୍ ଯିଏକି ଅଲମ୍ପିକ୍ସ ମେଡ଼ାଲ ଜିତିଥିଲେ। ୨୦୨୩ ଏସିଆନ୍ ଗେମ୍ସରେ ପଦକ ଜିତିବାର ସ୍ୱପ୍ନ ଦେଖିଥିଲେ ହେଲେ ଆହତ ସମସ୍ୟା ପାଇଁ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲେ ।ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦୧୮ ଓ ୨୦୨୨ରେ ଦୁଇଥର ସ୍ୱର୍ଣ୍ଣ ପଦକ ଜିତିଛନ୍ତି।ମୀରା ୨୦୧୭ରେ ବିଶ୍ୱ ଚାମ୍ପିଅନସିପ୍‌ରେ ଚମ୍ପିଅନ୍ ହୋଇଥିଲେ । ୨୦୨୨ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ବାନ୍ଧବୀଙ୍କ ସହ ବାଗେଶ୍ୱର ବାବାଙ୍କ ଶରଣରେ ଧାୱନ

ମୁମ୍ବାଇ,୧୬୪: ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧାୱନ ବର୍ତ୍ତମାନ ତାଙ୍କ ନୂତନ ପ୍ରେମିକାଙ୍କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଧାୱନ ସୋଫି ସାଇନଙ୍କୁ ଡେଟ କରୁଛନ୍ତି ।ଉଭୟଙ୍କୁ ଆଜିକାଲି ପ୍ରାୟତଃ ଏକାଠି ଦେଖାଯାଉଛି। ଧାୱନ ଏବେ ସୋଫିଙ୍କ ସହିତ ଶ୍ରୀ ବାଗେଶ୍ୱର ବାଲାଜୀ ସନାତନ ମଠ ମୁମ୍ବାଇରେ ପହ□ ଆଶୀର୍ବାଦ ନେଇଥିଲେ। ଧୀରେନ୍ଦ୍ର ଶାସ୍ତ୍ରୀ ଧାୱନଙ୍କୁ ମ□କୁ ଡାକି କ୍ରିକେଟରେ ତାଙ୍କର ଅବଦାନ ଏବଂ ଏବେ ଅସହାୟ ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଶଂସା କରିଥିଲେ।

ଧାନଙ୍କ ସହ ସୋଫି ମଧ ବାଗେଶ୍ୱର ଧାମର ପୀଠେଶ୍ୱର ଧିରେନ୍ଦ୍ରଙ୍କଠାରୁ ଆଶୀର୍ବାଦ ନେଇଥିଲେ ଧୀରେନ୍ଦ୍ର ଶିଖର ଧାନଙ୍କୁ ଏକ ପଗଡ଼ି ପିନ୍ଧାଇ ସ୍ୱାଗତ କରିଥିଲେ ଏହାପରେ ଉଭୟ ନାଚିବା ସହ ଏକାଠି କ୍ରିକେଟ ଖେଳିଥିଲେ ଧାନ ପ୍ରଥମେ ବ୍ୟାଟିଂ କରିଥିଲେ ଏବଂ ଧୀରେନ୍ଦ୍ର ତାଙ୍କୁ ବୋଲ୍ଡ କରିଥିଲେ ଏହା ପରେ ଧୀରେନ୍ଦ୍ର ବ୍ୟାଟିଂ କରି କିଛି ସଟ ମାରିଥିଲେ।



ଶିଖର ଧାନଙ୍କୁ କିଛି ଦିନ ପୂର୍ବେ ଏକ ସାକ୍ଷାତକାରରେ ତାଙ୍କ ପ୍ରେମିକା ବିଷୟରେ ପଚରାଯାଇଥିଲା, ସେ କହିଥିଲେ ଯେ ସେ ନାମ କହିବେ ନାହିଁ। କିନ୍ତୁ ଏହି ରୁମରେ ବସିଥିବା ସବୁଠାରୁ ସୁନ୍ଦର ଝିଅ ହେଉଛି ମୋ ପ୍ରେମିକା। ସେହି ସମୟରେ ସୋଫି ସାଇନ ସେଠାରେ ଥିଲେ, ଯେତେବେଳେ ଦୁହେଁ ପୂର୍ବରୁ ଅନେକ ଥର ଏକାଠି ଦେଖାଯାଇଛନ୍ତି। ଏବେ ଧାୱନ ତାଙ୍କ ଘରେ ତାଙ୍କ ସହିତ ଏକ ରିଲ ତିଆରି କରି ଶେୟାର କରିଛନ୍ତି।

ଶିଖର ଧାନଙ୍କ ପ୍ରେମିକା ସୋଫି ସାଇନ ଆୟରଲାଣ୍ଡର ସେ ଚାମ୍ପିଅନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ମ୍ୟାଚ ଦେଖିବାକୁ ଧାୱନଙ୍କ ସହିତ ଆସିଥିଲେ ।ଏହା ପରେ, ଉଭୟଙ୍କୁ ବିମାନବନ୍ଦର ଏବଂ କାର୍ଯ୍ୟକ୍ରମରେ ମଧ ଏକାଠି ଦେଖିବାକୁ ମିଳିଥିଲା ଦୁହେଁ ଇନଷ୍ଟାଗ୍ରାମରେ ପରସ୍ପରକୁ ଫଲୋ କରନ୍ତି।

# ଚହଲଙ୍କ ଚକ୍ରବ୍ୟୁହରେ ଫସିଗଲା କୋଲକାତା

ମୁମ୍ବାଇ ,୧୬ର୦୪: ୨୦୨୫ ୧୫ଏପ୍ରିଲ ରାତି ମ୍ୟାଚ୍ ଥିଲା ପଞ୍ଜାବ ଓ କୋଲକାତା ମଧ୍ୟରେ ରାଏବଲେରୀ ଲଢେଇରେ ମୁହାଁମୁହାଁ ହେଉଥିଲେ ଦୁଇ ଦଳ ତେବେ ମ୍ୟାଚ୍ ଥିଲା ବେଶ୍ ରୋମା□କର ଦର୍ଶକଙ୍କଠାରୁ ଆରମ୍ଭ କରି ଫ୍ରା□ାଇଜ୍ ମାଲିକଙ୍କର ବଢିଯାଇଥିଲା ହୃଦ୍‌ସ୍ପନ୍ଦନ କାରଣ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ, ପଞ୍ଜାବ କିଙ୍ଗସ୍ ୧୬ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ଆଇପିଏଲ୍‌ରେ ରଚିଥିଲା ଇତିହାସ।

ସବୁଠୁ କମ୍ ସ୍କୋର କରିବା ସହ ମ୍ୟାଚ୍ ବି ଜିତିନେଇଥିଲା। ଯାହା ସେଠାରେ ଉପସ୍ଥିତ ସମସ୍ତ ଦେଖଣାହାରୀଙ୍କୁ ତାଜବୁ କରିଥିଲା ବଡ ଟାର୍ଗେଟକୁ ପିଛା କରି। ୧୧୧ ରନରେ ସୀମିତ ଥିଲା ପଞ୍ଜାବର ପାଳି । ତେବେ ଏହାକୁ ପିଛା କରି ୧୬ ରନରେ ହାରିଥିଲା କେକେଆର। ପଞ୍ଜାବର ଏହି ଚମତ୍କାର ବିଜୟ ପଛରେ ହିରୋ ସାଜିଥିଲେ ସ୍ପିନର ଯୁଜଭେନ୍ଦ୍ର ଚହଲ। ୪ଟି ୱିକେଟ ହାତେଇ ମ୍ୟାଚ୍‌କୁ ନିଜ ଅକ୍ତିଆରକୁ ନେଇଥିଲେ। ହାରୁଥିବା ଖେଳକୁ ବଦଳାଇ ଦେଲେ ଓ ପଞ୍ଜାବକୁ ଜିତାଇଦେଲେ। ଦଳକୁ ବିଜୟୀ କରାଇଥିବା ଯାଦୁକରଙ୍କ ପ୍ରଦର୍ଶନ ପଞ୍ଜାବ କିଙ୍ଗର ମାଲିକାଣୀ ପ୍ରୀତି ଜିଣ୍ଟାଙ୍କ ଆଖିର ଲୁଚି ରହିନଥିଲା। ତେଣୁ ସେ ପୁରସ୍କାର ପାଇବାକୁ ଯୋଗ୍ୟ ଥିଲେ । ବିପକ୍ଷ ମ୍ୟାଚ୍ ପୂର୍ବରୁ ଚହଲ ୫ଟି ମ୍ୟାଚ୍ ରେ କେବଳ ୨ଟି ୱିକେଟ ନେଇଥିଲେ। କିନ୍ତୁ ସେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ମାତ୍ର ଗୋଟିଏ ମ୍ୟାଚ୍ ଖେଳି ଏହାର କ୍ଷତିପୂରଣ ଦେଇଥିଲେ। ଏହି ମ୍ୟାଚ୍‌ରେ ଦଳ ଚହଲଙ୍କ ସର୍ବୋତ୍ତମ ପ୍ରଦର୍ଶନ ଆଶା କରିଥିଲା ଯାହା ସେ ଦେଇଥିଲେ ।



ଚହଲ ତାଙ୍କର ୪ ଓଭର ସ୍ପେଲରେ ମାତ୍ର ୨୮ ରନ ଦେଇ ୪ଟି ୱିକେଟ ନେଇଥିଲେ। ସେ ରାହାଣେଙ୍କୁ ଆଉଟ୍ କରି ପ୍ରଥମେ ମ୍ୟାଚ୍‌ର ଗତି ବଦଳାଇ ଦେଇଥିଲେ ତାପରେ ଅଙ୍ଗକ୍ରିଷ ରଘୁଭନ୍ସି, ରିଙ୍କୁ ସିଂ ଏବଂ ରମଣଦୀପ ସିଂଙ୍କୁ ମଧ୍ୟ ଆଉଟ୍ କରିଥିଲେ। କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ପ୍ରଦର୍ଶନ ପାଇଁ ଯୁଜଭେନ୍ଦ୍ର ଚହଲଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ମିଳିଥିଲା। ତେବେ ଚହଲ ପ୍ରୀତି ଜିଣ୍ଟାଙ୍କଠାରୁ ପୁରସ୍କାର ସହ ୧ ଲକ୍ଷ ଟଙ୍କାର ପରସ୍କାର ରାଶି ମଧ ପାଇଥିଲେ ।ଏହାପରେ ସେ ଚହଲଙ୍କୁ ଖୁସିରେ କୁଣ୍ଢାଇ ପକାଇଥିଲେ।

ସମସ୍ତେ ଜାଣନ୍ତି ଯେ ଯୁଜଭେନ୍ଦ୍ର ଚହଲ ଆଇପିଏଲ ଇତିହାସର ସବୁଠାରୁ ସଫଳ ବୋଲର। ସାରା ବିଶ୍ୱ ଏହା ମଧ ଜାଣେ ଯେ ଚହଲ ଜଣେ ମ୍ୟାଚ୍ ବିଜେତା।ତାଙ୍କର ଦକ୍ଷତା ଦେଖି, ପଞ୍ଜାବ କିଙ୍ଗସର ମାଲିକାଣୀ ପ୍ରୀତି ଜିଣ୍ଟା ମଧ ତାଙ୍କୁ ୨୦୨୫ ନିଲାମରେ ୧୮କୋଟିରେ କିଣିଥିଲେ। ତେବେ ଖୁସିର କଥା ହେଉଛି କି, ଯେତେବେଳେ ପଞ୍ଜାବ କିଙ୍ଗସକୁ ସବୁଠାରୁ ଅଧିକ ଆବଶ୍ୟକତା ଥିଲା ସେତେବେଳେ ଯୁଜଭେନ୍ଦ୍ର ଚହଲ ସେହି ୧୮ କୋଟି ଟଙ୍କାର ମୂଲ୍ୟ ଦେଇଥିଲେ ।ଏହା କରି ସେ ପ୍ରୀତି ଜିଣ୍ଟା ଓ ଫ୍ରା□ାଇଜିଙ୍କ ତାଙ୍କ ଉପରେ ବିଶ୍ୱାସକୁ ଆହୁରି ଦୃଢ଼ କରିଛନ୍ତି।

୧୧୨ ରନର ଛୋଟ ବିଜୟ ଲକ୍ଷ୍ୟକୁ କୋଲକାତା ସହଜରେ ହାସଲ କରିବ ବୋଲି ସମସ୍ତେ ଭାବି ନେଇଥିଲେ। ହେଲେ ଅନିଶ୍ଚିତତାର କ୍ରିକେଟ୍ ଖେଳରେ ସବୁ କିଛି ସମ୍ଭବ। ତାହା ଆଜିର ମ୍ୟାଚ୍‌ରେ ଦେଖିବାକୁ ମିଳିଛି ।ଆରମ୍ଭରୁ କୋଲକାତା ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା ମଧ୍ୟକ୍ରମରେ କେବଳ ଅଙ୍ଗକୃଷ ରଘୁବଂଶୀଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ୟାଟର କ୍ରିଜରେ ତିଷ୍ଠି ପାରି ନ ଥିଲେ ରଘୁବଂଶୀ ୩୭ ରନ ଓ ଅଧିନାୟକ ଆଜିଙ୍କ୍ୟ ରାହାଣେ ୧୭ ରନ ଦୁଇ ଅଙ୍କ ଛୁଇଁ ପାରିଥିଲେ ଯୁଜବେନ୍ଦ୍ର ଚହଲ ଘାତକ ବୋଲିଂ କରି କୋଲକାତା ନାଇଟ୍ ରାଇଡର୍ସର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିଲେ ।

ଏକଦା ୩ ଉ୍ୱିକେଟ୍ ହରାଇ ୭୨ ରନ କରିଥିବା କୋଲକାତା ମାତ୍ର ୭ ରନ ଭିତରେ ୫ ୱିକେଟ୍ ହରାଇ ୭୯/୮ ସ୍କୋରରେ ପହ□ଥିଲା। ଚହଲ ଆଜିଙ୍କ୍ୟ ରାହାଣେ(୧୭), ରଘୁବଂଶୀ (୩୭), ରିଙ୍କୁ ସିଂ(୨) ଓ ରଣଦୀପ ସିଂ(୦)ଙ୍କ ଶିକାର କରିଥିଲେ। ତେବେ ଆନ୍ଦ୍ରେ ରସେଲ କ୍ରିଜରେ ଥିବା ପର୍ଯ୍ୟନ୍ତ କୋଲକାତାର ବିଜୟ ସମ୍ଭାବନା ଉଜ୍ଜୀବିତ ରହିଥିଲା। ଏପରିକି ଚହଲଙ୍କ ଶେଷ ଓଭରରେ ୧୬ ରନ ସଂଗ୍ରହ କରି ରସେଲ ମ୍ୟାଚ୍‌କୁ ଆହୁରି ସଂଘର୍ଷପୂର୍ଣ୍ଣ କରିଥିଲେ ରସେଲ(୧୭ ରନ)ଙ୍କୁ ବୋଲ୍ଡ କରି ମାର୍କୋ ଜନସେନ କୋଲକାତା ଇନିଂସକୁ ୯୫ ରନରେ ଅନ୍ତ ଘଟାଇଥିଲେ ।

## ମୟୂରଭଞ୍ଜ... (ପ୍ରଥମ ପୃଷ୍ଠାରୁ)

ମୟୂରଭଞ୍ଜ... (ପ୍ରଥମ ପୃଷ୍ଠାରୁ)

ବୃଦ୍ଧି ପାଇଛି ଏବଂ ଏ କ୍ଷେତ୍ରରେ ନିଯୁକ୍ତି ୮୧ ପ୍ରତିଶତ ବୃଦ୍ଧି ଘଟିଛି। ଭୁବନେଶ୍ୱର ଗଣ୍ଡମୁଣ୍ଡା ଠାରେ ଏହିଭଳି କୌଳିକ ବୃତି ମାଧ୍ୟମରେ ପ୍ରସ୍ତୁତ ଉତ୍ପାଦକୁ ବଜାର ପ୍ରଦାନ ପାଇଁ ଗୋଟିଏ ୟୁନିଟି ମଲ୍ ସ୍ଥାପନା କରାଯିବ। ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ଷ୍ଟଲ ଖୋଲାଯିବ। ଭାରତ ସରକାର ଏଥିପାଇଁ ଆର୍ଥିକ ବ୍ୟବସ୍ଥା କରିଛନ୍ତି। ଏହି ୟୁନିଟି ମଲ୍ ରେ ଗୋଟିଏ ଜିଲ୍ଲାର ଗୋଟିଏ ଉତ୍ପାଦ ଏବଂ ଗୋଟିଏ ଜିଲ୍ଲାରେ ଗୋଟିଏ ଅନନ୍ୟ ଖାଦ୍ୟପେୟ ମଧ ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର ଏକ ସମାବେଶୀ ସରକାର। ଆମେ ପରିବାରର ସବୁ ସଦସ୍ୟ ମାନଙ୍କୁ ଯୋଜନାରେ ସାମିଲ କରିଛୁ। ପରିବାରର ଜଣେ ଯଦି ପିଏମ୍ ବିଶ୍ୱକର୍ମା ଯୋଜନାରେ ଲାଭପାଉଛି ସେହି ଘରର ମହିଳା ଜଣେ ସୁଭଦ୍ରା ଯୋଜନାରେ ମଧ ସାମିଲ ଅଛି। ଅନ୍ତୋଦୟ ଗୃହ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନାରେ ମଧ ଉକ୍ତ ପରିବାର ଲାଭ ପାଉଛି। ଗତ ସରକାର ଅନେକ ଯୋଜନାର ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ପୂରଣ କଲେ ନାହିଁ। ଆମ ସରକାର ଆସିବା ପରେ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାକୁ ପାଳନ କଲୁ। ଚାଷୀ, ମହିଳା, ଶ୍ରମିକ, ଯୁବବର୍ଗ ସମସ୍ତଙ୍କ ପାଇଁ ଆମେ କାମ କରୁଛୁ। ମୟୂରଭଞ୍ଜର ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମୟୂରଭଞ୍ଜ ଜିଲ୍ଲାରେ ୭୦୦୦ କୋଟି ଟଙ୍କା ବିନିଯୋଗରେ ଇସ୍ପାତ, ଗ୍ରୀନ ହାଇଡ୍ରୋଜେନ, ଅଟୋପାର୍ଟସ୍ ଭଳି ୧୦ଟି ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ହେବ। ଏହା ମାଧ୍ୟମରେ ୫,୧୨୫ ଜଣ ନିଯୁକ୍ତି ପାଇବେ। ଏଥି ସହିତ ଗୋଟେ ଏମ୍ଏସ୍ଏମ୍ ?ଇ ପାର୍କ ମଧ ଜିଲ୍ଲାରେ ପ୍ରତିଷ୍ଠା କରାଯିବ। ଏମ୍ଏସ୍ଏମ୍ଇ କ୍ଷେତ୍ରରେ ମୟୂରଭଞ୍ଜ ସର୍ବାଗ୍ରେ ରହିବ।

କେନ୍ଦ୍ର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଜିତନ ରାମ ମାଁଝୀ କହିଲେ ଯେ, ଭାରତ ବର୍ଷରେ ଆଜି ୭୦ ପ୍ରତିଶତ ଗରୀବ ଲୋକ ଅଛନ୍ତି। ଏହି ୭୦ ପ୍ରତିଶତ ଲୋକଙ୍କ ପାଇଁ ଏମ୍ଏସ୍ଏମ୍ଇ ଜରିଆରେ ବ୍ୟାପକ ଜନକଲ୍ୟାଣକାରୀ ଯୋଜନା ଆରମ୍ଭ କରାଯାଉଛି। ଭାରତ ହେଉଛି ଏକ କୃଷି ପ୍ରଧାନ ଦେଶ। ଗ୍ରାମାଞ୍ଚଳରେ କୃଷି ବ୍ୟତୀତ ଏମ୍ଏସ୍ଏମ୍ଇ ଅଧିକ ରୋଜଗାର ଯୋଗାଉଛି। ଏହି ବିଭାଗ ପ୍ରତି ପ୍ରଧାନମନ୍ତ୍ରୀଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି। କୌଳିକ ବୃତିରେ କାମ କରୁଥିବା ଲୋକଙ୍କ ଦୁଃଖ ଓ ଅସୁବିଧାକୁ ଦେଖି ଆମ ପ୍ରଧାନମନ୍ତ୍ରୀ ପିଏମ୍ ବିଶ୍ୱକର୍ମା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ କୌଳିକ ବୃତିଧାରୀଙ୍କ ୪ପ୍ରତିଶତ ଉତ୍ପାଦ ଏସ୍.ସି, ଏସ୍.ଟି ହବ୍ ଜରିଆରେ ସରକାର କିଣିବେ।

ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ କହିଥିଲେ ଯେ, ଗ୍ରାମୀଣ ଅର୍ଥନୀତିର ଆତ୍ମା ହେଉଛି ଏମ୍ଏସ୍ଏମ୍ଇ। ଗ୍ରାମାଞ୍ଚଳର ଅର୍ଥନୀତିକୁ ଆହୁରି ସୁଦୃଢ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ଏହି ମହତ୍ୱକାଂକ୍ଷୀ ଯୋଜନା କାର୍ଯ୍ୟକାରୀ ହୋଇଛି। ଆମେ ଷ୍ଟାଟଅପ କ୍ଷେତ୍ରରେ ଗ୍ରାମାଞ୍ଚଳର ଯୁବକ ଯୁବତୀଙ୍କୁ ଅଧିକ ପ୍ରୋତ୍ସାହନ କରୁଛୁ। ସହଜରେ କିପରି ସେମାନେ ଉଦ୍ୟୋଗୀ ହୋଇପାରିବେ ସେଥିପ୍ରତି ଉଦ୍ୟମରତ ଅଛୁ।

କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ, ସାଂସଦ ନବ ଚରଣ ମାଝୀ, ଶ୍ରୀମତୀ ମମତା ମହାନ୍ତ, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ୍, ବଡସାହି ବିଧାୟକ ସନାତନ ବିଜୁଳୀ, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଭାଦବ ହାଂସଦା ଏବଂ ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଳୀ ମୁର୍ମୁ ପ୍ରମୁଖ ଅଭିଭାଷଣ ରଖିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ